# ନନ୍ଦିନୀଙ୍କ ବିରୋଧରେ ୪୨୦ ଦଫା

## ସ୍ୱାମୀଙ୍କୁ ଚାପୁଡ଼ା ମାରି ନବବିବାହିତା ଫେରାର ଘଟଣା

ଭୁବନେଶ୍ୱର, ୧୯।୫(ବ୍ୟୁରୋ): ସର୍ବସମ୍ମୁଖରେ ସ୍ୱାମୀ ବଳରାମ ସାହୁଙ୍କୁ ଚାପୁଡ଼ା ମାରି ଫେରାର ହୋଇଯାଇଥିବା ନବବଧୂ ନନ୍ଦିନୀଙ୍କ ନାଁରେ ଭରତପୁର ଥାନା ପୋଲିସ ଗୁରୁବାର ଠକେଇ(ଦଫା ୪୨୦)ରେ ଏକ ମାମଲା (ନଂ. ୧୯୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ବଳରାମ ଭରତପୁର ଥାନା ଅଞ୍ଚଳରେ ରୁହନ୍ତି। ଗତ ୧୨ତାରିଖରେ ପୁରୀ ଜିଲା ପିପିଲି ଅଞ୍ଚଳର ନନ୍ଦିନୀ ନାମ୍ନୀ ଯୁବତୀଙ୍କୁ ସେ ବିବାହ କରିଥିଲେ। ସେହି ରାତିରେ ନନ୍ଦିନୀ ବିବସ୍ତ୍ର ହୋଇ କାହା ପାଖକୁ ଭିଡିଓ କଲିଂ କରୁଥିବା ସେ ଦେଖିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ୧୩ ତାରିଖରେ ନନ୍ଦିନୀ ମନ୍ଦିର ଯିବାକୁ କହିଥିଲେ। ଲିଙ୍ଗରାଜ ମନ୍ଦିର ନିକଟରେ ପହଞ୍ଚିବା ପରେ ସେଠାରୁ ସେ ବାପଘର ଲୋକଙ୍କ ସହ ଚାଲିଯିବାକୁ ଚେଷ୍ଟା କରିଥିଲେ। ଏହାକୁ ବଳରାମ ଅଟକାଇବାରୁ ନନ୍ଦିନୀ ଏବଂ ତାଙ୍କ ପରିବାର ଲୋକେ ନିସ୍ତୁକ ମାଡ଼ ମାରି ଝିଅକୁ ନେଇ ଚାଲିଯାଇଥିଲେ। ଏହାପରେ ଘଟଣା ସଂକ୍ରାନ୍ତରେ ବଳରାମ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପରେ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଭରତପୁର ପୋଲିସ ମାମଲା ରୁଜୁ କରିଛି।




# ପାହାଡ଼ ଉପରେ ଜଳିଗଲେ ଇଞ୍ଜିନିୟର

■ ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ
■ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ପୋଲିସ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)


ଅବିନାଶ ପ୍ରଧାନ

ବୁଧବାର ରାତି ପ୍ରାୟ ୯ଟା ହେବ। ଇନ୍‌ଫୋସିଟି ପାହାଡ଼ ଉପରେ ଥିବା ରାସ୍ତାରେ ଜଣେ ଯୁବକ ଜଳିଯାଉଥିଲେ। ସେହିବାଟ ଦେଇ ଯାଉଥିବା ପିସିଆର୍ ଟିମ୍ ଏହା ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ କିମ୍‌ସ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କଲେ। ମୃତକ ହେଲେ ନନ୍ଦନକାନନ ଥାନା ବାଲିପଡ଼ା ଗ୍ରାମର ଅବିନାଶ ପ୍ରଧାନ(୨୨)। ସେ ଚନ୍ଦ୍ରଶେଖରପୁର ଥାନା ନିକଟରେ ଥିବା ଏକ ଘରୋଇ ସଂସ୍ଥାରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରନ୍ତି। ବାପା ଲଲାଟେନ୍ଦୁ ପ୍ରଧାନ ଗୁରୁବାର ସକାଳେ ଥାନାରେ ଅଭିଯୋଗ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି। ପୋଲିସ ଏକ ହତ୍ୟା ମାମଲା( ନଂ. ୧୩୧/୨୦୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ ଜବତ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ସୁଦ୍ଧା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିସିପି ସିଂ କହିଛନ୍ତି। ବାପା ଲଲାଟେନ୍ଦୁ କହିଛନ୍ତି, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ମାନସିକ ଚାପରେ ଆସି ଆତ୍ମହତ୍ୟା କରିବା ପାଇଁ ମୋ ପୁଅର ସେପରି କିଛି ଖରାପ ଗୁଣ ନ ଥିଲା। ଏହାର ଉଚିତ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଏପରି ସ୍ଥିତିରେ ଇଞ୍ଜିନିୟର ଅବିନାଶ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛନ୍ତି ସେନେଇ ଚର୍ଚ୍ଚା ଜାରି ରହିଛି।

### ଘରକୁ ଆସୁଛି ବୋଲି କହି ଆଉ ଫେରିଲେନି

ସନ୍ଧ୍ୟା ପ୍ରାୟ ୮ଟା ୧୪ରେ ଅବିନାଶଙ୍କୁ ତାଙ୍କ ବାପା ଫୋନ୍ କରିଥିଲେ। ସାଙ୍ଗ ସହ ଗ୍ୟାଲେକ୍ସି ଗାର୍ଡେନରେ ଅଛି ୧୫ ମିନିଟ୍ ଭିତରେ ବାହାରି ଯାଉଛି ବୋଲି ସେ କହିଥିଲେ। ଏହାର କିଛି ସମୟ ପରେ ସାଙ୍ଗଙ୍କୁ ଛାଡ଼ି ଘର ଅଭିମୁଖେ ବାହାରିଗଲି ବୋଲି ଅବିନାଶ ୮ଟା ୨୪ରେ ବାପାଙ୍କୁ ଫୋନ କରି କହିଥିଲେ। ଘରେ ସେ ନ ପହଞ୍ଚିବାରୁ ୮ଟା ୪୦ରେ ଅବିନାଶଙ୍କୁ ବାପା ପୁଣି ଫୋନ କରିଥିଲେ। ହେଲେ ସେ ଆଉ ଫୋନ ଉଠାଇ ନ ଥିଲେ। ବାରମ୍ବାର କଲ୍ କରି ଯୋଗାଯୋଗ ନ ହୋଇପାରିବାରୁ ପରିବାରଲୋକ ଚିନ୍ତାରେ ପଡ଼ିଯାଇଥିଲେ। ବାରମ୍ବାର କଲ୍ କରିବା ଭିତରେ ରାତି ପ୍ରାୟ ୧୦ଟା ୨୦ ବେଳେ ଅବିନାଶଙ୍କ ଫୋନ୍ ଉଠାଇଥିଲା ପୋଲିସ। ଘଟଣା ବିଷୟରେ କହିବା ସହ କିମ୍‌ସ ହସ୍ପିଟାଲକୁ ତୁରନ୍ତ ଆସିବାକୁ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ କୁହାଯାଇଥିଲା।

### ଘଟଣାସ୍ଥଳରୁ ବିଭିନ୍ନ ନମୁନା ନେଲା ସାଇଣ୍ଟିଫିକ୍ ଟିମ୍

ଗୁରୁବାର ସକାଳୁ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇଥିଲା। ପାହାଡ଼ ପାର୍ଶ୍ୱ ରାସ୍ତା ନିକଟରେ ଏକ ଓସାରିଆ ସ୍ଥାନରେ ଗଛଲତା ପୋଡ଼ି ଯାଇଥିଲା। ନିକଟରେ ପଡ଼ିଥିଲା ପେଟ୍ରୋଲ ନ ଥିବା ଏକ ବୋତଲ, ଏକ ଲାଇଟର୍, ପୋଡ଼ା ଚପଲ, ଅର୍ଦ୍ଧ ପୋଡ଼ା ବେଲ୍ଟ। ୨୦ ମିଟର ଦୂରରେ ଥିଲା ଅବିନାଶଙ୍କ ବାଇକ୍। ବାଇକରେ ଥିଲା ଏକ ଛୋଟ ବ୍ୟାଗ। ତାଙ୍କ ବ୍ୟାଗରୁ ଏକ ହ୍ୟାଣ୍ଡବୁକ୍ ମିଳିଥିଲା। ପୋଲିସ ତଦନ୍ତ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲା।

### ମିଳିଲା 'ମୁଁ ତୁମ ଜୀବନରେ କଣ୍ଟା ହେବି ନାହିଁ' ଲେଖାଥିବା ଚିଠି

ହ୍ୟାଣ୍ଡବୁକ୍‌ର ଏକ ଫର୍ଦ୍ଦରେ ଗତ ଏପ୍ରିଲ୨୦ ତାରିଖରେ ଅବିନାଶ କିଛି ଲେଖିଥିବା ଦେଖିବାକୁ ମିଳିଥିଲା। ସେଥିରେ 'ମୁଁ ତୁମ ଜୀବନରେ କଣ୍ଟା ହେବି ନାହିଁ, ତୁମେ ଭଲରେ ରୁହ, ମୁଁ ମୋ'ପରେ ବାହାରକୁ ପଳାଇବି ...' କିଛି ଲେଖା ରହିଛି। ଅନ୍ୟପକ୍ଷରେ ଗାଁ ଲୋକେ କହୁଛନ୍ତି ନିକଟସ୍ଥ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅବିନାଶ ପ୍ରେମ କରୁଥିଲେ। ତେଣୁ ଉକ୍ତ ଯୁବତୀଙ୍କ ପାଇଁ ଅବିନାଶ ତାହା ଲେଖିଥିଲେ ବୋଲି ସନ୍ଦେହ କରାଯାଉଛି।

### ସନ୍ଦେହ ସୃଷ୍ଟି କଲା ରାସ୍ତାରେ ପଡ଼ିଥିବା ବେଲ୍ଟ

ଘଟଣାସ୍ଥଳରେ ପଡ଼ିଥିବା ଅଧପୋଡ଼ା ବେଲ୍ଟ ସନ୍ଦେହ ସୃଷ୍ଟି କରିଛି। ବେଲ୍ଟଟି ଅବିନାଶଙ୍କ ପ୍ୟାଣ୍ଟରେ ନ ଥିବାବେଳେ ତାହା ରାସ୍ତାରେ ପଡ଼ିଥିଲା କାହିଁକି। ଉକ୍ତ ବେଲ୍ଟରେ କେହି ଦୁର୍ବୃତ୍ତ ଅବିନାଶଙ୍କୁ ପିଟିବା ସହ ତାଙ୍କ ବେକକୁ ଭିଡ଼ିଥିଲେ ବୋଲି ଅନୁମାନ କରାଯାଉଛି। ଅବିନାଶଙ୍କ ବେକରେ ଚିହ୍ନ ଥିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି। ତେଣୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଲେ ଘଟଣା ବିଷୟରେ ଅଧିକ ରହସ୍ୟ ଫିଟିବ ବୋଲି କୁହାଯାଉଛି।







### ନନ୍ଦନକାନନରେ ପୁଣି ପଶିଲା ଦନ୍ତା

ବାରଙ୍ଗ,୧୯।୫: (ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣି ଥରେ ଦନ୍ତା ହାତୀ ପଶିଛି। ବୁଧବାର ବିଳମ୍ବିତ ରାତିରେ ହାତୀଟି ଚନ୍ଦକା ଜଙ୍ଗଲରୁ ବାହାରି ନନ୍ଦନକାନନର ସୁରକ୍ଷା ପ୍ରାଚୀର ଭାଙ୍ଗି ଭିତରକୁ ପ୍ରବେଶ କରିଛି। ନନ୍ଦନକାନନର ୪ଟି ସ୍ଥାନରେ ତାରଜାଲି ଭାଙ୍ଗି ଘାସପାର୍କ ଓ ଭାଲୁସଫାରି ମଧ୍ୟରେ ଥିବା ଜଙ୍ଗଲରେ ରହିଥିବା ଗୁରୁବାର ସକାଳେ ଜଣାପଡିଥିଲା। କର୍ମଚାରୀଙ୍କଠାରୁ ଖବର ପାଇ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ଗୁଲାମ ଫକୀରୱାଲା ଖାନ୍ ସଦଳବଳ ହାତୀକୁ ଜଗିବା ସହ ତା'ର ଗତିପଥ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ପର୍ଯ୍ୟଟକମାନେ ଭ୍ରମଣ କରୁଥିବା ଅଞ୍ଚଳରେ ହାତୀ କାଳେ ପଶିଯିବ ସେ ନେଇ ନଜର ରଖିଥିଲେ। ସନ୍ଧ୍ୟା ହେବା ପରେ ଚନ୍ଦକା ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଦନ୍ତାକୁ ନନ୍ଦନକାନନ ସୁରକ୍ଷା ବିଭାଗ କର୍ମଚାରୀମାନେ ବାଣ ଫୁଟାଇ ଘଉଡ଼ାଇ ଦେଇଥିବା ଜଣାପଡିଛି। ଏହି ହନ୍ତା ଅନେକ ଥର ନନ୍ଦନକାନନକୁ ଆସିବା ସହ ବ୍ୟାପକ ନଷ୍ଟ କରିଛି।

### ୩୪.୫ କେଜି ଗଞ୍ଜେଇ ଜବତ: ୨ ଗିରଫ

ଭୁବନେଶ୍ୱର, ୧୯।୫ (ବ୍ୟୁରୋ): ଗଜପତିରୁ ଗଞ୍ଜେଇ ଚୋରା ଚାଲାଣ କରି ଭୁବନେଶ୍ୱରରେ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ଭରତପୁର ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରିଛି। ବସ୍ ଯୋଗେ ଗଞ୍ଜେଇ ଧରି ଆସୁଥିବାବେଳେ ଅଭିଯୁକ୍ତ ବେପାରୀଦ୍ୱୟଙ୍କୁ ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ବସ୍ଷ୍ଟାଣ୍ଡରୁ ଗିରଫ କରାଯାଇଛି। ସେମାନେ ହେଲେ ଗଜପତିର ମିଟୁ ନାୟକ(୨୩) ଓ ଶିଶିର ନାୟକ (୨୫)। ଏମାନଙ୍କଠାରୁ ୩୪ କି.ଗ୍ରା ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ପୋଲିସ ମାମଲା (ନଂ. ୧୯୪/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।



## ସଂକ୍ଷେପରେ

### ଆଜିଠୁ ଶିଶୁପାଳଗଡ଼ ବାଦୀପାଲା ମହୋତ୍ସବ

**ପୁରୁଣା ଭୁବନେଶ୍ୱର,୧୯।୫(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ଶିଶୁପାଳଗଡ଼ ସ୍ଥିତ ଦଧିବାମନ ଦେବଙ୍କ ପୀଠରେ ଶୁକ୍ରବାରଠାରୁ ବାଦୀପାଲା ମହୋତ୍ସବ ଆରମ୍ଭ ହେବ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ ପାଲା ପରିବେଷଣ କରିବେ। ଉଦ୍‌ଯାପନୀ ସନ୍ଧ୍ୟାରେ ଲକ୍ଷ୍ମୀଧରଙ୍କୁ 'ଗାୟକ ସମ୍ରାଟ୍ ପ୍ରହ୍ଲାଦ ସାହୁ ଜାତୀୟ ପାଲା ପୁରସ୍କାର' ପ୍ରଦାନ କରାଯିବ। ସେହିପରି ରବୀନ୍ଦ୍ରଙ୍କୁ 'ଭାଗବତ ଭୂଷଣ ବଳଭଦ୍ର ପଣ୍ଡା ପାଲା ପୁରସ୍କାର' ପ୍ରଦାନ କରାଯିବ ବୋଲି ଦଧିବାମନ ଦେବ ସେବା ସମିତି ପକ୍ଷରୁ କୁହାଯାଇଛି। ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେବା ପାଇଁ ଶିଶୁପାଳଗଡ଼ ଗ୍ରାମବାସୀ ନିବେଦନ କରିଛନ୍ତି।

### ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର,୧୯।୫(ଡି.ଏନ୍.ଏ.):** ସରକାରୀ ଉଚ୍ଚବିଦ୍ୟାଳୟ ବଡ଼ଗଡ଼ରେ ମୋ ସ୍କୁଲ କମିଟି ପକ୍ଷରୁ ନିର୍ମିତ ନୂତନ ଗୃହ, ମଧ୍ୟାହ୍ନ ଭୋଜନ ସ୍ଥଳୀ, ବହୁମୁଖୀ ସାଂସ୍କୃତିକ ମଞ୍ଚ ଓ ବୈଷୟିକ ବିଜ୍ଞାନଗାରର ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଭୁବନେଶ୍ୱର ମଣ୍ଡଳ ବରିଷ୍ଠ ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ସ୍ଥାନୀୟ କର୍ପୋରେଟର ଅଜିତ ବେହେରା ଯୋଗଦେଇଥିଲେ। ମୋ ସ୍କୁଲ କମିଟି ସଭାପତି ମାନସ ରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ପାଦକ, ପ୍ରତାପ ଜେନା, ପ୍ରଧାନ ଶିକ୍ଷକ ମନୋଜା ମଞ୍ଜରୀ ସାହୁ, ବିଦ୍ୟାଳୟର ପରିଚାନା କମିଟି ସଭ୍ୟଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିଥିମାନେ ବିଦ୍ୟାଳୟର ସଂଘଟିତ ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

### ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ବ୍ଲକ ଅଧ୍ୟକ୍ଷା, ଶିକ୍ଷା ଅଧିକାରୀ ମୁହାଁମୁହିଁ

**ବାଲକାଟି,୧୯।୫(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକରେ କାର୍ଯ୍ୟରତା ଜଣେ ଶିକ୍ଷୟିତ୍ରୀଙ୍କ ବଦଳିକୁ କେନ୍ଦ୍ରକରି ବ୍ଲକ ଅଧ୍ୟକ୍ଷା ଓ ଶିକ୍ଷା ଅଧିକାରୀ ମୁହାଁମୁହିଁ ହୋଇଛନ୍ତି। ଅଧ୍ୟକ୍ଷା ଫୋନରେ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପଶି ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ବ୍ଲକରେ କାର୍ଯ୍ୟରତା ଜନୈକା ଶିକ୍ଷୟିତ୍ରୀଙ୍କର ବଦଳି ପ୍ରସଙ୍ଗକୁ ନେଇ ବ୍ଲକ ଅଧ୍ୟକ୍ଷା ବାସନ୍ତି ଖଟୁଆ ଗତ ୨ଦିନ ତଳେ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝାଙ୍କୁ ଫୋନ କରିଥିଲେ। ଦୁହିଁଙ୍କ କଥୋପକଥନରେ ଓଝା ଅଧ୍ୟକ୍ଷା ବାସନ୍ତିଙ୍କୁ ଦୁର୍ବ୍ୟବହାର କରିଥିବା ଅଧ୍ୟକ୍ଷା ଅଭିଯୋଗ ଆଣିଥିଲେ। ଏହାକୁ କେନ୍ଦ୍ର କରି ଅଧ୍ୟକ୍ଷାଙ୍କ ସମର୍ଥକଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ, କେତେକ ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତିସଭ୍ୟ ହିମାଂଶୁଙ୍କୁ ଘେରି ହୋହଲ୍ଲା କରିଥିଲେ। ପରେ ଓଝାଙ୍କୁ ବାଇକ୍‌ରେ ଅଧ୍ୟକ୍ଷା ଖଟୁଆଙ୍କ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସେଠାରେ ଆପୋସ ବୁଝାମଣା ପରେ ଶିକ୍ଷାଧିକାରୀ ଘଟଣାରେ ଦୁଃଖ ପ୍ରକାଶ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୫୦ତମ ଇ-ସତ୍‌ସଙ୍ଗ

**ଭୁବନେଶ୍ୱର,୧୯।୫(ବ୍ୟୁରୋ):** ଓଡ଼ିଶା ସତ୍‌ସଙ୍ଗ, ଭୁବନେଶ୍ୱର ଆନୁକୂଲ୍ୟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୫୦ତମ ଇ-ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକା କାଲିଫର୍ଣ୍ଣିଆରୁ ଇଂ. ମନୋଜ ପାତ୍ର (ସପୁର) ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କରୋନା ମହାମାରୀ ଯୋଗୁ ଏହା ୨୦୨୦ ନଭେମ୍ବର ୧ରୁ ଭକ୍ତ ସୁବାସ ଚନ୍ଦ୍ର ସାହୁଙ୍କ ଉଦ୍ୟମରେ ଆରମ୍ଭ ହୋଇ ମଙ୍ଗଳବାର ଉଦଯାପିତ ହୋଇଥିଲା। ସୁସ୍ଥ ସମାଜ ଗଠନରେ ମଣିଷର କର୍ତ୍ତବ୍ୟ, ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବୁଧବାର 'ଶିଶୁ ସତ୍‌ସଙ୍ଗ' ଓ ପ୍ରତ୍ୟେକ ରବିବାର ଅପରାହ୍ନ ୨ଟା ୩୦ରୁ ୪ଟା ପର୍ଯ୍ୟନ୍ତ ମାତୃ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ଇ-ସତ୍‌ସଙ୍ଗରେ ଜୟନ୍ତୀ ବାସାକ୍, କେଶବ ଚନ୍ଦ୍ର ସାହୁ, ପ୍ରିୟଙ୍କା ବର୍ମନ ରାୟ, ଦେବେନ୍ଦ୍ର କର, ପ୍ରଜ୍ଞାନ ମହାଭୋଇ, ପଟେଲ କୁମାର ମହନ୍ତ ଓ ଦୈତାରି ମୁଦୁଲି ପ୍ରମୁଖ ଭଜନ, କୀର୍ତ୍ତନ ଓ କୋରସ୍ ଗାନ କରିଥିବାବେଳେ ବିପିନ୍ ବିହାରୀ ମିଶ୍ର ଏବଂ ଇଂ. ବିପିନ ବିହାରୀ ମିଶ୍ର ଠାକୁରଙ୍କ ସଦ୍‌ଗ୍ରନ୍ଥ ପାଠ କରିଥିଲେ।

# ଚକରା ଗ୍ୟାଙ୍ଗର ୨ ଲୁଟେରାଙ୍କ ସମେତ ୫ ଗିରଫ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

**୧୨ ସୁନାଚେନ, ୨ ମଙ୍ଗଳସୂତ୍ର, ୮ ମୋବାଇଲ ଫୋନ ଜବତ**



ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଲୁଟପାଟ୍ କରି ଏହାକୁ ବିକ୍ରି କରୁଥିବା ଗ୍ୟାଙ୍ଗକୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି । ଏଥିରେ ୨ ଲୁଟେରା ଓ ୩ ଜଣ ରିସିଭର ଅଛନ୍ତି । ଲୁଟେରା ଦ୍ୱୟ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ଅଂଶୁମାନ ତ୍ରିପାଠୀ ଓରଫ ଆୟୁଷ ଏବଂ ୟୁନିଟ-୧ କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିବା ନିର୍ମଳ ରଣସିଂହ ଓରଫ ମିଥୁନ। ସେହିପରି ୩ଜଣ ରିସଭର ହେଲେ ଭୀମଟାଙ୍ଗି ଅଞ୍ଚର ଭରତ ସାହୁ, ତପନ ସାହୁ ଓ ଲୋକନାଥ ବେହେରା। ଏମାନଙ୍କଠାରୁ ୧୨ଟି ସୁନାଚେନ, ୨ମଙ୍ଗଳସୂତ୍ର ଜବତ କରାଯାଇଛି, ଯାହାର ଓଜନ ୧୦୧ ଗ୍ରାମ ୭୫୦ ମିଲିଗ୍ରାମ ବୋଲି ଜଣାପଡ଼ିଛି। ସେହିଭଳି ୮ଟି ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ତମାଣ୍ଡୋ ଥାନା ପୋଲିସ ଏକ ମାମଲା (ନଂ. ୧୨୫/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଲୁଟେରା ଦ୍ୱୟ ଚକରା ଗ୍ୟାଙ୍ଗରେ ସଂପୃକ୍ତ ଥିବା ପୋଲିସ କହିଛି।

ସୂଚନାନୁଯାୟୀ, ଗତ ୧୪ ତାରିଖରେ ତମାଣ୍ଡୋ ଥାନା ଅଞ୍ଚଳର ବାଞ୍ଛାନିଧି ତ୍ରିପାଠୀଙ୍କ ବୋହୂ କଳିଙ୍ଗ ବିହାରରୁ ଘରକୁ ଫେରୁଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ପଲସର ଗାଡ଼ି (ନଂ. ଓଡି-୦୨-ବିପି-୩୪୧୫)ରେ ଆସି ତାଙ୍କଠାରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଗାଡ଼ି ନମ୍ବରରେ ଟ୍ରେସ କରି ଆୟୁଷଙ୍କୁ ଧରିଥିଲେ। ପଚରାଉଚୁରା କରିବା ସମୟରେ ସେ ବିଭିନ୍ନ ଜାଗାରୁ ସୁନା, ମୋବାଇଲ ଫୋନ୍ ଆଦି ଲୁଟ କରି ଏହାକୁ ବିକ୍ରି କରିବା ପାଇଁ ଭରତ, ତପନ, ଲେକନାଥଙ୍କୁ କିଛି କମିଶନ ଦିଅନ୍ତି। ଫଳରେ ସେମାନେ ଏହି ଚୋରା ଜିନିଷକୁ ବିଭିନ୍ନ ବସ୍ତି ସମେତ ଦୋକାନରେ ବିକ୍ରି କରିଥାନ୍ତି ବୋଲି ସ୍ୱୀକାର କରିଥିବା ପୋଲିସ କହିଛି। ପୋଲିସ ତଦନ୍ତ କରି ୩ ରିସିଭରଙ୍କୁ ମଧ୍ୟ ଗିରଫ କରିଛି। ଅଂଶୁମାନ ଓ ମିଥୁନଙ୍କ ନାଁରେ କ୍ୟାପିଟାଲ, ଖାରବେଳନଗର, ଖଣ୍ଡଗିରି, ନୂଆପଲ୍ଲୀ ଓ ଚନ୍ଦ୍ରଶେଖରପୁର ଆଦି ଥାନାରେ ଅନେକ ମାମଲା ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ୩ ସ୍ଥାନରେ ଇ-ଟଏଲେଟ୍

**ଭୁବନେଶ୍ୱର, ୧୯।୫ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରକୁ ବାହ୍ୟ ମଳମୁକ୍ତ ସହର ଭାବେ ପରିଣତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଇ-ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି। ତେବେ ନିର୍ମାଣ ହୋଇଥିବା ଟଏଲେଟ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଚଳାବସ୍ଥାରେ ପଡ଼ିରହିଥିଲା। ଫଳରେ ଲୋକେ ଅଧିକାଂଶ ସମୟରେ ହଇରାଣ ହେବା ସହ ବାହାରେ ମଳତ୍ୟାଗ କରୁଥିଲେ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ବିଏମ୍‌ସିର ଚେତା ପଶିଛି। ଅଚଳାବସ୍ଥାରେ ଥିବା ଇ-ଟଏଲେଟ୍‌ଗୁଡିକର ମରାମତି ଆରମ୍ଭ ସହ ୩ଟି ନୂଆ ଟଏଲେଟ୍ ସ୍ଥାପନ କରାଯାଇଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ଅଚଳାବସ୍ଥାରେ ଥିବା ଇ-ଟଏଲେଟ୍‌ଗୁଡିକର ମରାମତି କାମ ଚାଲିଛି। ଆସନ୍ତା ୨/୩ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯିବ। ଇ-ଟଏଲେଟ୍ ନିର୍ମାଣ କରିଥିବା ସଂସ୍ଥା ହିଁ ଏଗୁଡିକର ମରାମତି କରୁଛନ୍ତି। ସେହିପରି ସିଆର୍‌ପି, ପାୱାର ହାଉସ୍ ଛକ ଏବଂ ଜୟଦେବ ବିହାରରେ ଗୋଟିଏ ଲେଖାଏ ଇ-ଟଏଲେଟ୍ ସ୍ଥାପନ କରାଯାଇଛି। ଖୁବ୍‌ଶୀଘ୍ର ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ। ସୂଚନାଯୋଗ୍ୟ, ସ୍ମାର୍ଟସିଟି ମିଶନ୍‌ରେ ୨୦୧୮ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୪ ବର୍ଷ ପରେ ବି ସରିବାର ନାଁ ଧରୁନି। ୫କୋଟି ୭୬ଲକ୍ଷ ଟଙ୍କା ବ୍ୟୟରେ ସହରର ୩୦ଟି ସ୍ଥାନରେ ଇ-ଟଏଲେଟ୍ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ସେଥିମଧ୍ୟରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ୬୦ଟି ଟଏଲେଟ୍ ୟୁନିଟ୍ କରାଯିବାର ଥିଲା। ତେବେ ନୂତନ ଭାବେ ସ୍ଥାପନ ହୋଇଥିବା ସ୍ଥାନକୁ ମିଶାଇ ଏଯାବତ୍ ସହରର ୨୫ଟି ସ୍ଥାନରେ ଇ-ଟଏଲେଟ୍ ନିର୍ମାଣ କରାଯାଇଛି।

# ସୁସ୍ଥ ଜୀବନ ପାଇଁ ଶାରୀରିକ, ମାନସିକ ସୁସ୍ଥତା ଆବଶ୍ୟକ

**ବାରଙ୍ଗ,୧୯।୫(ଡି.ଏନ୍.ଏ.)**

**ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସୂଚନା ସମ୍ମିଳନୀ**

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ୩ ଦିନିଆ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସୂଚନା ସମ୍ମିଳନୀ ଆଇଏଚ୍‌ଆଇସି ୨୦୨୨ ଗୁରୁବାର ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫିନ୍‌ଲାଣ୍ଡର ତୁର୍କୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରାଜୀବ କୁମାର କାନ୍ତ ଯୋଗଦେଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣି, କୁଳପତି ପ୍ରଫେସର ଡ. ବି.ଆର୍ ଶର୍ମା, ଗୌରବ ବର୍ମା, କାର୍ମିକା ନିର୍ଦ୍ଦେଶକ ପ୍ରଫେସର ଡ. ସିବେନ୍ ଗୁପ୍ତି, ଜର୍ମାନୀ ଲୁବେକ୍ ବିଶ୍ୱବିଦ୍ୟାଳୟର ଡ. ସାରିକା ଜୈନ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଜୀବନ ପାଇଁ ବ୍ୟକ୍ତି ବିଶେଷଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ସ୍ନାତକ, ସ୍ନାତକୋତ୍ତର ଛାତ୍ରୀଛାତ୍ର, ଅନୁସନ୍ଧାନ ବିଦ୍ୟାର୍ଥୀ, ଅଧ୍ୟାପିକା ଏବଂ ଅନ୍ୟମାନେ ଯୋଗଦେଇଥିଲେ। ଏଥିସହ ଓଡ଼ିଶାର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟର ଆମନ୍ତ୍ରଣକାରୀ ଯୋଗଦେଇଥିଲେ। ସମ୍ମିଳନୀରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଭାଗର ଡିନ୍ ପ୍ରଫେସର ଆର୍.ଏନ୍. ଶତପଥୀ ଆଇଏଚ୍‌ଆଇସି ୨୦୨୨ର ଧାରଣା ଯାତ୍ରା ଉପରେ ସ୍ୱାଗତ ଭାଷଣ ଦେବା ସହ ଡ. ସୁନୀତା ଶତପଥୀ ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

## ଛଟେଇ ହେବେ ୫୮ ଡାଟା ଏଣ୍ଟ୍ରି ଅପରେଟର

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

**ମେୟରଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଶକ୍ତ ଧକ୍କା ଲାଗିଛି। ୫୮ଜଣ ଡାଟା ଏଣ୍ଟ୍ରିଅପରେଟରଙ୍କୁ ଛଟେଇ ପାଇଁ ସଂପୃକ୍ତ ଏଜେନ୍ସିକୁ ବିଏମ୍‌ସି ପକ୍ଷରୁ ଚିଠି ଲେଖାଯାଇଛି। କାର୍ଯ୍ୟ ତୁଳନାରେ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିବାରୁ ଏହି କର୍ମଚାରୀଙ୍କୁ କାର୍ଯ୍ୟରୁ ବିରତ କରାଯାଉଥିବା ଚିଠିରେ ଦର୍ଶାଯାଇଛି। ଏପ୍ରିଲ ୧୭ରେ ଏ ନେଇ ଚିଠି କରାଯାଇଛି। ଜୁନ୍ ୧ରୁ ଉକ୍ତ କର୍ମଚାରୀମାନେ କାର୍ଯ୍ୟକୁ ଆଉ ନ ଆସିବା ପାଇଁ ଡେପୁଟି କମିଶନର ଏଜେନ୍ସିକୁ ଜଣାଇଛନ୍ତି। ଅପରପକ୍ଷେ ୩ବର୍ଷରୁ ଅଧିକ ସମୟ ଧରି ବିଏମ୍‌ସିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏପରି ହଠାତ୍ ଛଟେଇ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସେମାନେ ଗୁରୁବାର ମେୟରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି, ବାତ୍ୟା 'ଫନୀ'ଠାରୁ ଆରମ୍ଭ କରି 'କରୋନା' ମହାମାରୀ କାଳରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଏମ୍‌ସିର ସମସ୍ତ କାର୍ଯ୍ୟରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ମଧ୍ୟ ସେମାନଙ୍କୁ ଏପରି ଛଟେଇ କରାଯିବା ଉଚିତ୍ ନୁହେଁ। ଚାକିରି ନିବୃତ୍ତ କରାଯିବା ଫଳରେ ସେମାନେ ଓ ସେମାନଙ୍କ ପରିବାର ଆର୍ଥିକ ସମସ୍ୟାରେ ପଡ଼ିବେ।

# ଅଭିଯୁକ୍ତ ବୃଦ୍ଧଙ୍କୁ ୧୦ ବର୍ଷ ଜେଲ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

**ନାବାଳିକା ବଳାତ୍କାର ମାମଲା**

■ ରାୟ ଶୁଣାଇଲେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ

୨୦୧୭ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଭୁବନେଶ୍ୱର ପୋକ୍‌ସୋ କୋର୍ଟ ଗୁରୁବାର ରାୟ ଶୁଣାଇଛନ୍ତି। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜଜ୍ ମିନାକ୍ଷୀ ଦାଶ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଆନନ୍ଦ ରାଉତ (୭୦)। ଦୋଷୀ ଆନନ୍ଦ ଗିରଫ ହେବା ପରେ ୧ ବର୍ଷ ୧୦ ମାସ ୧୭ ଦିନ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହି ଜାମିନରେ ଆସିଥିଲେ। ବଳାତ୍କାର ବେଳେ ପୀଡ଼ିତା ନାବାଳିକାଙ୍କୁ ୧୧ ବର୍ଷ ହୋଇଥିଲା।

ସୂଚନା ଅନୁଯାୟୀ, ୨୦୧୭ ଫେବୃୟାରୀ ୨୭ ଅପରାହ୍ନରେ ପୀଡ଼ିତା ନାବାଳିକା ସ୍କୁଲରୁ ଫେରି ଘରେ ଏକା ଥିଲେ। ମା' ଘରେ ନ ଥିଲେ ଓ ତାଙ୍କ ବାପା କାମକୁ ଯାଇଥିଲେ। ସେହି ସମୟରେ ତାଙ୍କ ଗ୍ରାମର ଆନନ୍ଦ ତାଙ୍କ ଘରକୁ ଆସି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏପରିକି ତାଙ୍କୁ ମାଡ଼ ମାରିବା ସହ ଘଟଣା ବିଷୟରେ ନ କହିବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ବାପା ଘରକୁ ଫେରିବା ପରେ ନାବାଳିକା ଘଟଣା ବିଷୟରେ ତାଙ୍କୁ କହିଥିଲେ। ଏହାର ପରଦିନ ଅର୍ଥାତ ୨୭ ତାରିଖରେ ନାବାଳିକାଙ୍କ ମା' ଟାଙ୍ଗୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସିର ୩୭୬ ଦଫାରେ ଏକ ମାମଲା (ନଂ. ୭୪/୨୦୧୭) ରୁଜୁକରି ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁଣାଣି ସମୟରେ ୫୪ ଦସ୍ତାବିଜ୍ ସହ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

## 'ଆନ୍ଥୋଲୋଜି ଅଫ୍ ଓଡ଼ିଶାନ୍ ଆର୍ଟ' ଲୋକାର୍ପିତ



ପୁସ୍ତକ 'ଆନ୍ଥୋଲୋଜି ଅଫ୍ ଓଡ଼ିଶାନ୍ ଆର୍ଟ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୯। ୫(ବ୍ୟୁରୋ)**

ଓଡ଼ିଶାର ଚିତ୍ରକଳା, ଲୋକକଳା, ଆଦିବାସୀ କଳା, ଗ୍ରାମ୍ୟ କଳା ଓ ସଂସ୍କୃତି, ମୂର୍ତ୍ତି ନିର୍ମାଣ କଳା, ପଟଚିତ୍ର ପରମ୍ପରା, ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ହସ୍ତକଳା ସମ୍ପର୍କରେ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ପୁସ୍ତକ 'ଆନ୍ଥୋଲୋଜି ଅଫ୍ ଓଡ଼ିଶାନ୍ ଆର୍ଟ' ରଚିତ ହୋଇଛି। ଏହାକୁ ପ୍ରଧାପକ ଡ. ଚକ୍ରଧର ବେହେରା ଏବଂ ଅଧ୍ୟାପକ ଡ. ଆଶିଷ ମହାପାତ୍ର ମିଳିତ ଭାବେ ରଚନା କରିଛନ୍ତି। ଗୁରୁବାର ରାଜଭବନରେ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକର ଲୋକାର୍ପଣ କରିଛନ୍ତି। ଓଡ଼ିଶା କଳାର ବିଭିନ୍ନ ଦିଗକୁ ନେଇ ରଚିତ ଏହି ପୁସ୍ତକର ଯୁଗ୍ମ ଲେଖକଙ୍କ ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ପ୍ରକାଶକ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ଏବଂ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ। ଉକ୍ତ ପୁସ୍ତକକୁ ପେଜ୍‌ମେକର ପ୍ରକାଶନୀ ସଂସ୍ଥା ପ୍ରକାଶ କରିଛି।

## ସନ୍ତୋଷୀଦେବୀଙ୍କ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ସନ୍ତୋଷୀ ଦେବୀଙ୍କ ୧୫ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବରମୁଣ୍ଡାଠାରେ ବିଶ୍ୱଶାନ୍ତି ମହାଯଜ୍ଞ ୧୪ତାରିଖରୁ ଆରମ୍ଭ ହୋଇ ୧୬ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୩୮ ନଂ. ୱାର୍ଡର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ମିଶନ ଡ୍ରିମସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଶା ମୁକୁଲ ବାରିକ୍‌ଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପଣ୍ଡିତ ଜ୍ୟୋତିପ୍ରକାଶ ମିଶ୍ର ସଂଯୋଜନା କରିଥିଲେ।

## ମାତୃଭାଷା ବିକାଶ କ୍ଷେତ୍ରରେ ଯୁବପିଢ଼ିଙ୍କ ଗୁରୁ ଦାୟିତ୍ୱ ରହିଛି

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଓଡ଼ିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଓଡିଆ ବିଭାଗର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଗୁରୁବାର 'ଓଡ଼ିଆ ଭାଷା ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ ଉଦ୍‌ଘାଟନ କରି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିବା ଗୌରବର ବିଷୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ସଭାପତି ରଞ୍ଜନ କୁମାର ଦାସ ସଭାପତିତ୍ୱ କରି କହିଥିଲେ, ଓଡ଼ିଆ ଆମର ମାତୃଭାଷା। ମାତୃଭାଷାର ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଯୁବପିଢ଼ିଙ୍କର ଗୁରୁଦାୟିତ୍ୱ ରହିଛି। ସେମାନଙ୍କ ମନରେ ଭାଷାପ୍ରୀତି ସୃଷ୍ଟି କରିବା ଆମର ପ୍ରାଥମିକ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏବଂ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗଦେଇଥିଲେ। ପ୍ରଫେସର ପଣ୍ଡା ଶାସ୍ତ୍ରୀୟ ଭାଷାର ଉତ୍ସ ସମ୍ପର୍କରେ ଏକ ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ବାଉରୀ ବନ୍ଧୁ ସାହୁ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତ ଚରଣ ଦାସ ପ୍ରମୁଖ କବିମାନଙ୍କ ପଂକ୍ତି ଉଦ୍ଧାର କରି ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ଭାଷା ଓ ଭାବ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚକ ପ୍ରଫେସର ଡ. ରମେଶ ଚନ୍ଦ୍ର ବେହେରା 'ଯୋଗାଯୋଗର ଭାଷା ଓଡ଼ିଆ' ଶୀର୍ଷକ ଉପରେ ତଥ୍ୟପୂର୍ଣ୍ଣ ସୂଚନା ଦେଇଥିଲେ।

## ମାଳିସାହି ଅଞ୍ଚଳରୁ ହଟିଲା ଜବରଦଖଲ

**ଭୁବନେଶ୍ୱର, ୧୯।୫ (ବ୍ୟୁରୋ)**

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଲୋକେ ଜବରଦଖଲ କରି ବେଆଇନ ଭାବେ ବାସଗୃହ, ଦୋକାନ ଆଦି ଗଢ଼ୁଛନ୍ତି। ସମ୍ପୃକ୍ତ ସ୍ଥାନ ଖାଲି କରିବା ପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର ସେମାନଙ୍କୁ ତାଗିଦ୍ କରିବା ସତ୍ତ୍ୱେ ଏହାକୁ ହେୟ ଜ୍ଞାନ କରୁଛନ୍ତି। ତେଣୁ ସିଇଏମ୍‌ସି କାର୍ଯ୍ୟକ୍ରମ ଅନୁଯାୟୀ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖାରବେଳନଗର ଥାନା ଅନ୍ତର୍ଗତ ଅଞ୍ଚଳରୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମସି), ଜିଏ ଏବଂ ପିଜି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ଉଚ୍ଛେଦକାରୀ ଦଳଙ୍କ ମିଳିତ ଉଦ୍ୟମରେ ଉଚ୍ଛେଦ କରାଯାଇଛି। କମିଶନରେଟ୍ ପୋଲିସ୍ ସହଯୋଗରେ ଦୃଷ୍ଟିହୀନ ସଂଘ ଠାରୁ ମାଳିସାହି ପର୍ଯ୍ୟନ୍ତ ଅଞ୍ଚଳ ଜବରଦଖଲ ମୁକ୍ତ କରାଯାଇଛି। ଉଚ୍ଛେଦ ପ୍ରକ୍ରିୟାରେ ଅସ୍ଥାୟୀ ତିଣ କବାଡ଼ିଆ ଦୋକାନ, ୨୯ଟି ବାଉଁଶ ଓ ଜରିପାଲ ନିର୍ମିତ ଦୋକାନ, ୬ଟି କ୍ୟାବିନ୍ ଏବଂ ଶତାଧିକ କାଠ ଓ ଷ୍ଟିଲ୍ ନିର୍ମିତ କବାଡ଼ି ସାମଗ୍ରୀ ମାଗିରେ ମିଶିଛି। ଉଚ୍ଛେଦ ସମୟରେ ସହକାରୀ ନିର୍ଦ୍ଦେଶକ (ଏନଫୋର୍ସମେଣ୍ଟ) ଅମିୟ କୁମାର ଦାସ, ବିଡିଏର ଯୋଗାଯୋଗ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଖାରବେଳନଗର ଥାନା ଏଏସ୍‌ଆଇ ଦେବରାଜ୍ କିଶାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ୍ ରିଜର୍ଭ ପୋଲିସ୍ ଫୋର୍ସ ଏବଂ ଏକ ସେକ୍ସନ ମହିଳା ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ଉଚ୍ଛେଦ ପାଇଁ ୩ଟି ଜେସିବି ବ୍ୟବହାର କରାଯାଇଥିଲା।

# ପଥର ଟ୍ରକ୍‌କୁ ଅଟକାଇବାକୁ ଯାଇ ଅତିରିକ୍ତ ତହସିଲଦାର ହଟହଟା

**ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.), ୧୯।୫**

■ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଆହତ

■ ଚକ୍‌ମା ଦେଇ ଡ୍ରାଇଭର ଫେରାର

ଧଉଳି ଥାନା ଅନ୍ତର୍ଗତ ଦୟା ବ୍ରିଜ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଏକ ବାଇକକୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଏବଂ ଶିଶୁ ବର୍ତ୍ତି ଯାଇଛନ୍ତି। ଆହତ ଜଣକ ହେଲେ ବାଲିପାଟଣା ଅଞ୍ଚଳର ଅନିଲ କୁମାର ଦାସ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଅଟକାଇଥିବାବେଳେ ଅତିରିକ୍ତ ତହସିଲଦାର ମିନାକ୍ଷୀ ଦାସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଗାଡ଼ି ସାଇଡ୍ କରି ପଥର ଚାଲାଣର କାଗଜ ଦେଖାଇବାକୁ କହିଥିଲେ। ଗାଡ଼ି ସାଇଡ୍ କରିବାର ସୁଯୋଗ ନେଇ ଡ୍ରାଇଭର ଟ୍ରକ୍‌ଟିକୁ ଦ୍ରୁତ ଗତିରେ ଚଳାଇ ସେଠାରୁ ଫେରାର ହୋଇଯାଇଥିଲେ। ଟ୍ରକ୍ ଫେରାର ହୋଇଯିବା ଦେଖି ଲୋକମାନେ ଅତିରିକ୍ତ ତହସିଲ୍‌ଦାର ଏବଂ ପୋଲିସକୁ ଘେରିଯାଇଥିଲେ। ଟ୍ରକ୍ ଡ୍ରାଇଭରଙ୍କୁ ଜାଣିଶୁଣି ଅତିରିକ୍ତ ତହସିଲ୍‌ଦାର ଫେରାର କରିଥିବା ନେଇ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ଅଧିକ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଅତିରିକ୍ତ ତହସିଲଦାରଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ଏନେଇ ଆହତ ଅନିଲଙ୍କ ସ୍ତ୍ରୀ ମଧୁସ୍ମିତା ଧଉଳି ଥାନାରେ ଅଭିଯୋଗ କରିଛନ୍ତି। ଟ୍ରକ୍ ଧକ୍କା ଯୋଗୁ ସ୍ୱାମୀ ଆହତ ହୋଇଥିବାରୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ ୧୦୬/୨୨) ରୁଜୁ କରି ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ଏକ ଟ୍ରକ ବେଆଇନ ଭାବେ ମାଙ୍କଡ଼ାପଥର ଚୋରାଚାଲାଣ କରି ଉତ୍ତରାରୁ ଭୁବନେଶ୍ୱର ଆଡ଼କୁ ଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଅତିରିକ୍ତ ତହସିଲଦାର ମିନାକ୍ଷୀ ଟ୍ରକ୍‌କୁ ପିଛା କରୁଥିବା ଜାଣି ଡ୍ରାଇଭର ଜଣକ ଦ୍ରୁତ ଗତିରେ ଗାଡ଼ି ଚଲାଇଥିଲେ। ଏହି ସମୟରେ ସ୍ତ୍ରୀ ପିଲାଙ୍କୁ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅନିଲଙ୍କ ବାଇକ୍‌କୁ ଟ୍ରକ୍‌ଟି ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯିବାରୁ ଆହତ ହୋଇଥିଲେ ।



ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଉତ୍ତେଜନା।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ସଂଗ୍ରହାଳୟ ଦିବସ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଉପଲକ୍ଷେ ଏକ ମେଳା ସପ୍ତାହବ୍ୟାପୀ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ହୋଇଛି। ଏହି ମେଳାକୁ ନାଇଜରର ପ୍ରଫେସର ଭି. ବୈଦ୍ରିନାଥ କନକିମଲ୍ଲ ଉଦଘାଟନ କରିଛନ୍ତି। ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ପିଲାଙ୍କ ସାଇଣ୍ଟିଫିକ ମଡେଲ ଏଠାରେ ପ୍ରଦର୍ଶିତ ହୋଇଛି। ଏଥିସହ ସେମାନଙ୍କ ଦକ୍ଷତା ଓ ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ସେଥିରେ ରହିଛି। ମହିଳାଙ୍କ ସୁରକ୍ଷାକୁ ନେଇ ଟଚ୍ ମି ନଟ୍, ଆବର୍ଜନା ପରିଚାଳନା ପ୍ରମୁଖ ପ୍ରଦର୍ଶିତ ହୋଇଥିଲା।

# ଓଡ଼ିଆ ଚ୍ୟାନେଲ 'ଷ୍ଟାର୍ କିରଣ'ର ଶୁଭାରମ୍ଭ

- ଡିଜ୍ନୀ ଷ୍ଟାରର ୭ମ ଆଞ୍ଚଳିକ ଭାଷା ଭିତ୍ତିକ ଚ୍ୟାନେଲ
- ୬ରୁ ପ୍ରସାରଣ ହେବ ଧାରାବାହିକ, ଚଳଚ୍ଚିତ୍ର
- ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ଓ ପ୍ରସାରରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ


'ଷ୍ଟାର କିରଣ' ଚ୍ୟାନେଲରେ ପ୍ରସାରିତ ହେବାକୁ ଥିବା ଧାରାବାହିକରେ ଅଭିନୟ କରିଥିବା କଳାକାରଙ୍କ ସହ ଚ୍ୟାନେଲ ଅଧିକାରୀ।

**ଭୁବନେଶ୍ୱର,୧୯।୫**

ଦେଶର ପ୍ରମୁଖ ଟିଭି ନେଟ୍ୱର୍କ ଡିଜ୍ନୀ ଷ୍ଟାର୍ ପକ୍ଷରୁ ଗୁରୁବାର ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର୍ କିରଣ'ର ଶୁଭାରମ୍ଭ ହୋଇଯାଇଛି। ଏହାର ପ୍ରିମିୟର ଆସନ୍ତା ୬ତାରିଖରୁ ଆନୁଷ୍ଠାନିକ ଭାବେ ପ୍ରସାରଣ ହେବ। ଡିଜ୍ନୀ ଷ୍ଟାର୍ର ସପ୍ତମ ଆଞ୍ଚଳିକ ଭାଷାଭିତ୍ତିକ ଚ୍ୟାନେଲ ଭାବେ ଷ୍ଟାର୍ କିରଣ ଓଡ଼ିଶାର ସଂସ୍କୃତି ଏବଂ ମୂଲ୍ୟବୋଧ ଆଧାରିତ ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ତା'ର ସେବା (ପ୍ରଚାର ଓ ପ୍ରସାର) ଆରମ୍ଭ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ଯୋଗେ ଏହି ଚ୍ୟାନେଲର ଶୁଭାରମ୍ଭ କରିବା ସହ ଏହା ଉଭୟ ଓଡ଼ିଆ ଓ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ସାଙ୍ଗକୁ ବରିଷ୍ଠ ଓ କନିଷ୍ଠ ପ୍ରତିଭାଙ୍କୁ ନେଇ ଆଗକୁ ବଢ଼ି ଚାଲିବ ବୋଲି ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ଡିଜ୍ନୀ ଷ୍ଟାର ଏଣ୍ଟରଟେନମେଣ୍ଟ ଚ୍ୟାନେଲର ନେଟ୍ୱର୍କ ମୁଖ୍ୟ କେଭିନ୍ ଭାଜ୍ କହିଛନ୍ତି, ଏଥିରେ ସହଯୋଗ କରିଥିବା ଆମର ସହଯୋଗୀ ସାଥୀ ଓ ସହଯୋଗୀଙ୍କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଓ ଧନ୍ୟବାଦ ଜ୍ଞାପନ କରୁଛି। ଷ୍ଟାର୍ କିରଣ ମାଧ୍ୟମରେ ବିଭିନ୍ନ ସକାରାତ୍ମକ ତଥା ଗୁଣବତ୍ତା ବିଶିଷ୍ଟ କାହାଣୀ ପ୍ରଦର୍ଶନ କରାଯାଇ ଓଡ଼ିଶାର ଦର୍ଶକମାନଙ୍କୁ ଟିଭି ଦେଖିବାର ବିରଳ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବାକୁ ଡିଜ୍ନୀ ଷ୍ଟାର୍ ଲକ୍ଷ୍ୟ ରଖିଛି। ସେହିପରି ଏହି ଚ୍ୟାନେଲରେ ପୌରାଣିକ କାହାଣୀ ସହିତ ଆହୁରି ଅନେକ ଲୋକପ୍ରିୟ ତଥା ରୋମାଞ୍ଚକ ବିଷୟବସ୍ତୁ ମଧ୍ୟ ସ୍ଥାନ ପାଇବ ବୋଲି କେଭିନ୍ ମତବ୍ୟକ୍ତ କରିଛନ୍ତି।

ଏହି ଚ୍ୟାନେଲ ଜରିଆରେ ଜୁନ୍ ୬ରୁ ପ୍ରତି ସୋମବାରରୁ ଶନିବାର ରାତି ୭ ରୁ ୯ଟା ପର୍ଯ୍ୟନ୍ତ ୪ଟି ଭିନ୍ନ ସ୍ୱାଦର ଓଡ଼ିଆ ଧାରାବାହିକ ତୁ କହିବୁ ନା ମୁଁ(୭ଟାରୁ ୭.୩୦), ସୁହାଗ ସିନ୍ଦୂର(୭.୩୦ରୁ ୮ଟା), ଶାନ୍ତି(୮ଟାରୁ ୮.୩୦) ଏବଂ କିଏ ପର କିଏ ନିଜର(୮.୩୦ରୁ ୯ଟା) ପ୍ରସାରିତ ହେବ। ସେହିପରି ପ୍ରତି ରବିବାର ଓଡ଼ିଆ ଚଳଚ୍ଚିତ୍ର ଯଥା ପ୍ରେମମ୍, ଦିଲ୍ରେ ଅଛି ତୋର ନାଁ, ଗୁପ୍ଚୁପ୍ ଏବଂ ମହାବାହୁ ଭଳି ଚଳଚ୍ଚିତ୍ର ପ୍ରସାରଣ କରାଯିବ। ଏହା ଉଭୟ ଏସ୍ଡି ଏବଂ ଏଚ୍ଡିରେ ପ୍ରସାରଣ ହେବ। ଓଡ଼ିଶାରେ ଏହା ପ୍ରଥମ ଆଞ୍ଚଳିକ ଏଚ୍ଡି ଚ୍ୟାନେଲରେ ପ୍ରସାରଣ ହେବ ବୋଲି ଚ୍ୟାନେଲର ଆଞ୍ଚଳିକ ମୁଖ୍ୟ ଆଲୋକ ଜୈନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଡିଜ୍ନୀ ଷ୍ଟାର୍ ୩୦ବର୍ଷରୁ ଅଧିକ ସମୟ ଧରି ଭାରତୀୟ ମିଡିଆ ପରିଦୃଶ୍ୟକୁ ପରିଭାଷିତ କରିଛି। ଡିଜ୍ନୀ ଷ୍ଟାର୍ର ଚ୍ୟାନେଲ ପୋର୍ଟଫୋଲିଓ ୮ଟି ଭାଷାରେ ମନୋରଞ୍ଜନ, ଚଳଚ୍ଚିତ୍ର, କ୍ରୀଡ଼ା, ଇନ୍ଫୋଟେନ୍ମେଣ୍ଟ, କୀଡ୍ସ ଏବଂ ଜୀବନଶୈଳୀ ଆଦି ପ୍ରଦର୍ଶିତ ହୋଇଥାଏ। ଏହି ନେଟ୍ୱର୍କ ପ୍ରତିବର୍ଷ ୨୦,୦୦୦ ଘଣ୍ଟାରୁ ଅଧିକ କଣ୍ଟେଣ୍ଟ ସୃଷ୍ଟି କରିବା ସହିତ ଭାରତରେ ୭୦ରୁ ଊର୍ଦ୍ଧ୍ୱ ଚ୍ୟାନେଲ ପ୍ରସାରଣ କରିବାରେ ସକ୍ଷମ ହୋଇପାରିଛି। ୧୪ରୁ ଅଧିକ ଚ୍ୟାନେଲ ସହିତ ଷ୍ଟାର ସ୍ପୋର୍ଟସ୍ ଚ୍ୟାନେଲ ହେଉଛି ଏକ ପ୍ରମୁଖ ସ୍ପୋର୍ଟସ୍ ନେଟ୍ୱର୍କ, ଯେଉଁଥିରେ ପ୍ରମୁଖ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଦର୍ଶନ କରାଯିବା ସହିତ ଭାରତକୁ ଏକ ମଲ୍ଟି ସ୍ପୋର୍ଟିଂ ରାଷ୍ଟ୍ର ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ।


'ଷ୍ଟାର କିରଣ' ଚ୍ୟାନେଲ ଶୁଭାରମ୍ଭ ଅବସରରେ ଯୋଗ ଦେଇଥିବା ଅଭିନେତ୍ରୀ ଅଭିନେତା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସନ୍ଧ୍ୟା


@ ସନ୍ତୋଷ


@ ସାଗର


@ ରୋହିତ


@ ଅଜିବ


@ ପୂର୍ଣ୍ଣଚନ୍ଦ୍ର

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇଣ୍ଟରନ୍ୟାଶନାଲ୍ କ୍ଲିନିକାଲ ଟ୍ରାୟାଲ୍ସ ଅବସରରେ ସଚେତନତା କାର୍ଯ୍ୟକ୍ରମ, ଲୋୟର ପିଏମ୍ଜି, ସକାଳ ୬ଟା ୩୦।
- .ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା, ବୀର ସୁରେନ୍ଦ୍ର ସାଏ ନଗର, ଅପରାହ୍ନ ୪ଟା ୩୦।
- ନାରଦ ଜୟନ୍ତୀ ଓ ନାରଦ ସମ୍ମାନ-୨୦୨୨, ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରଫେସର କରୁଣାସାଗର ବେହେରାଙ୍କ ୧୪ଶ ବାର୍ଷିକ ଶ୍ରାଦ୍ଧୋତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସନ୍ଧ୍ୟା ୬ଟା ୩୦।
- ଜାତୀୟ ଆଦିବାସୀ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ଚନ୍ଦନଯାତ୍ରା ଅବସରରେ ଶ୍ରୀଶ୍ରୀ ରାଧାମାଧବଙ୍କ ଚାପ କ୍ରୀଡା, ନିକୁଞ୍ଜ ବିହାରୀ ଦେବଙ୍କ ମନ୍ଦିର ସମ୍ମୁଖ, କୁଶଭଦ୍ରା ନଦୀ କୂଳ, ରାତି ୭ଟା।
- ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ଚନ୍ଦନ ମହୋତ୍ସବ-୨୦୨୨ ଉପଲକ୍ଷେ ଚାପ ଖେଳ, ହରିଦାସପୁର କୂଆଖାଇ ନଦୀ, ରାତି ୭ଟା ୩୦।

**କଟକ**
- ଜିଲାସ୍ତରୀୟ ପିଲାଙ୍କ ପାଇଁ ଦିନଟିଏ ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଦ ନ୍ୟୁ ମ୍ୟାରିୟନ୍ର ଶିଳାନ୍ୟାସ, ନୂଆପାଟଣା, ଚୌଦ୍ୱାର, ଅପରାହ୍ନ ୧୨ଟା ୩୦।
- ପଞ୍ଚମ ଫାଲଗୁନି ମହୋତ୍ସବ, ଗୋପବନ୍ଧୁ ନଗର, ଜଗତପୁର, ଅପରାହ୍ନ ୪ଟା।
- ହାସ୍ୟ ବ୍ୟଙ୍ଗ ପତ୍ରିକା ରସଗୁଲାର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୪ଟା।
- କଟକ କଲେକ୍ଟୋରେଟ୍ ଅଣଗେଜେଟେଡ୍ କର୍ମଚାରୀ ଷ୍ଟାଫ କମିଟିର ବାର୍ଷିକ ଉତ୍ସବ, ଶହୀଦ ଭବନ, ସନ୍ଧ୍ୟା ୬ଟା।
- ୭୮ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା, ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା ୩୦।



ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସହାୟତାରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏକାଦଶ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବରେ ଓଡ଼ିଶାର ଦୁରୁଆ ଜନଜାତି ବିର୍ଲି ନୃତ୍ୟ ପରିବେଷଣ କରୁଛନ୍ତି।

# ସଂରକ୍ଷଣ ପାଇଁ ସ୍ଥାନାନ୍ତର ହେଲା ସିଂହ ମୂର୍ତ୍ତି

### ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ବିରୋଧ

**ପୁରୀ ଅଫିସ,୧୯।୫**

ଏମାର ମଠ ଖନନ ସ୍ଥଳରେ ପରିତ୍ୟକ୍ତ ଅବସ୍ଥାରେ ମିଳିଥିବା ସିଂହମୂର୍ତ୍ତିକୁ ସ୍ଥାନାନ୍ତରଣ କରିଛି ଏଏସ୍ଆଇ। ଗଙ୍ଗ ବଂଶୀୟ ଦୁଇ ସିଂହମୂର୍ତ୍ତିକୁ ଟ୍ରାକ୍ଟର ଯୋଗେ ଏଏସଆଇ ଟିମ୍ ଏଏସଆଇର ବଳିଆପଣ୍ଡା ଶାଖା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ପୂର୍ଣ୍ଣ ସିଂହମୂର୍ତ୍ତି ଓ ଅନ୍ୟଟି ଭଗ୍ନ ସିଂହମୂର୍ତ୍ତି ହୋଇଥିବା ବେଳେ ଏହାକୁ ସଂରକ୍ଷଣ ପାଇଁ ପୁରୀ ଶାଖା କାର୍ଯ୍ୟାଳୟକୁ ନିଆଯାଇଛି ବୋଲି ଏଏସଆଇ ସଂରକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ ସିଂହମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଛି। ଏହି ଗଙ୍ଗ ବଂଶୀୟ କାରୁକାର୍ଯ୍ୟ ଉପରେ ଅନୁସନ୍ଧାନ କରାଯିବ। ତେବେ ଏ ସମ୍ପର୍କିତ ଅଧିକ ସୂଚନା ରାଜ୍ୟ ଅଧିକାରୀମାନେ ଦେଇପାରିବେ। ତେବେ ଏହି ସିଂହମୂର୍ତ୍ତିକୁ ସ୍ଥାନାନ୍ତରଣ ବେଳେ ବିରୋଧ କରିଥିଲା ଶ୍ରୀଜଗନ୍ନାଥ ଭକ୍ତ ପରିଷଦ। ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ସିଂହମୂର୍ତ୍ତି ଉପରେ ବସି ପଡ଼ିଥିବା ବେଳେ ଏହାକୁ ଏଏସ୍ଆଇକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ଦାବି କରିଥିଲେ। ସେ କହିଛନ୍ତି, ସିଂହମୂର୍ତ୍ତିକୁ ଏମାର ମଠ ପରିସରରେ ରଖାଯାଉ। ପ୍ରଥମେ ଶ୍ରୀମନ୍ଦିର ଚୌହଦିରେ ଜିପିଆରଏସ୍ ସର୍ଭେ କରାଯାଉ ଓ ଆଉ କେଉଁ କେଉଁ କୀର୍ତ୍ତିରାଜି ମାଟି ତଳେ ରହିଛି ତାହାର ଅନୁସନ୍ଧାନ କରାଯାଉ ବୋଲି ସେ କହିଛନ୍ତି। ପରେ ପୁରୀ ପୋଲିସ ତାଙ୍କୁ ଖନନ ସ୍ଥଳରୁ ଉଠାଇ ନେଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଦୁଇ ସିଂହମୂର୍ତ୍ତି ମଧ୍ୟରୁ ଅନ୍ୟ ସିଂହମୂର୍ତ୍ତିର ଅବଶେଷ କୁଆଡେ ଗଲା। ଖନନ ବେଳେ ଏହାକୁ ସଂରକ୍ଷଣ କରାଗଲା ନାହିଁ କାହିଁକି। ଖନନ ବେଳେ ଏହା ମାଟିରେ ମିଶିଯାଇଛି। ଜେସିବି ମାଡ଼ରେ ଐତିହ୍ୟ କୀର୍ତ୍ତିରାଜିକୁ ଧ୍ୱଂସ କରାଯାଇଛି ବୋଲି ଶରତ କୁମାର ରାୟଗୁରୁ ଅଭିଯୋଗ କରିଛନ୍ତି। ସେହିଭଳି ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସ ମହାପାତ୍ର କହିଛନ୍ତି, ଏଏସ୍ଆଇ ଅତିକମ୍ରେ ଶହେ ମିଟର ମଧ୍ୟରେ ମାଟି ତଳେ କେଉଁ କେଉଁ କୀର୍ତ୍ତିରାଜି ରହିଛି ତାହାକୁ ଚିହ୍ନଟ କରାଯାଇ ସଂରକ୍ଷଣ କରାଯାଉ। ଶ୍ରୀମନ୍ଦିର ଐତିହ୍ୟର ସୁରକ୍ଷା ପ୍ରାଥମିକତା ଅଟେ।


ଉଦ୍ଧାର ହୋଇଥିବା ସିଂହମୂର୍ତ୍ତିକୁ ସଂରକ୍ଷଣ ନିମନ୍ତେ ଏଏସଆଇର ପୁରୀ ଶାଖା କାର୍ଯ୍ୟାଳୟକୁ ନିଆଯାଉଛି।

# 'ଭୁଲ୍ ଭୁଲେୟାଁ ୨' ସହ ଟକ୍କର ଦେବ 'ଧାକ୍କଡ଼'

### ଆଜି ରିଲିଜ୍ ହେବ ୩ ହିନ୍ଦୀ ଫିଲ୍ମ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଫିଲ୍ମ ଫ୍ରାଇଡେ'ରେ ଏଥର ରିଲିଜ ହେବାକୁ ଯାଉଛି ୩ଟି ହିନ୍ଦୀ ଫିଲ୍ମ। ନିର୍ଦ୍ଦେଶକ ଅନିସ ବାଜ୍ମେଙ୍କ 'ଭୁଲ ଭୁଲେୟାଁ ୨' ସହ ରଜନୀଶ ଘାଇଙ୍କ 'ଧାକ୍କଡ଼' ଓ ହିମାଂଶୁ ମଲ୍ଲିକଙ୍କ 'ଚିତ୍ରକୁଟ' ଶୁକ୍ରବାର ପରଦାକୁ ଆସିବ। ଅନିସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଭୁଲ ଭୁଲେୟାଁ ୨' ଏକ କମେଡ଼ି ହରର ଫିଲ୍ମ। ଏହି ଫିଲ୍ମ ୨୦୦୭ର ପ୍ରଥମ ପାର୍ଟର କ୍ରମବିଶେଷ। ଫିଲ୍ମ ଲିଡ୍ରୋଲରେ ରହିଛନ୍ତି କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡଭାନୀ ଓ ତବୁ। ଏହା ବ୍ୟତୀତ ରାଜପାଲ ଯାଦବ, ସଞ୍ଜୟ ମିଶ୍ର, ପରେଶ ରାୱଲ, ଅମର ଉପାଧ୍ୟାୟ, ଜନି ଲିଭର, ଅଙ୍ଗଦ ବେଦୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମକୁ ଟକ୍କର ଦେବାକୁ ଆସୁଛି 'ଧାକ୍କଡ଼'। ଏଥିରେ କଣ୍ଟ୍ରୋଭର୍ସି କୁଇନ କଙ୍ଗନା ରଣାୱତ୍ଙ୍କ ସମେତ ଅର୍ଜୁନ ରାମପାଲ, ଦିବ୍ୟା ଦତ୍ତା, ଶାଶ୍ୱତ ଚାଟାର୍ଜୀ ଓ ଶରିବ ହାସ୍ମି ପ୍ରମୁଖ ଫିଲ୍ମରେ ନଜର ଆସିବେ। ଶିଶୁ ଚାଲାଣ ଓ ମହିଳା ଶୋଷଣକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେଶିତ। ସଙ୍ଗୀତରେ ବାଦଶାହା, ଶଙ୍କର- ଇଶାନ-ଲଏ ଓ ଧ୍ରୁଭ ଘନେକର ପ୍ରମୁଖ କଣ୍ଠଦାନ କରିଛନ୍ତି। ସେହିପରି ହିମାଂଶୁ ମଲ୍ଲିକଙ୍କ 'ଚିତ୍ରକୁଟ' ରିଲିଜ ହେବ। ଯେଉଁଥିରେ ନିର୍ଦ୍ଦେଶକଙ୍କ ସହ ଔରିତା ଘୋଷ, ଶ୍ରୁତି ବାପ୍ନା, ସୟନଦୀପ ସେନଗୁପ୍ତା, ନୈନା ତ୍ରିବେଦୀ, ଭିଭୋର ମୟଙ୍କ ଓ ଆକାଶ ଧର ପ୍ରମୁଖ ନଜର ଆସିବେ। ଫିଲ୍ମଟି ପ୍ରେମ ଓ ରୋମାଣ୍ଟିକ ରିଲେଶନଶିପକୁ ନେଇ ପର୍ଯ୍ୟବସିତ।


ଭୁବନେଶ୍ୱର ବୁଦ୍ଧମଣ୍ଡପ ପରିସରରେ ଗୁରୁବାର ଚୌଧୁରୀ ଚାରୁଚନ୍ଦ୍ର ମିଶ୍ରଙ୍କ ଉପନ୍ୟାସ ନର୍ମଦା ଓ କବିତା ପୁସ୍ତକ ବଣମଲ୍ଲୀକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।


କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ଅଡିଟୋରିୟମରେ ହାଇକୋର୍ଟ ସାଂସ୍କୃତିକ ସୋସାଇଟି ପକ୍ଷରୁ ଗୁରୁବାର ପରିବେଷିତ ନାଟକ 'ଭକ୍ତ ସାଲବେଗ'ର ଏକ ଦୃଶ୍ୟ।



ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଉତ୍କଳ ସଙ୍ଗୀତ ପରିବାର ପକ୍ଷରୁ ଆୟୋଜିତ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଓ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।

**ଲୋକନୃତ୍ୟ ଗୁରୁ ମାୟାଧର ଜେନାଙ୍କ ପରଲୋକ**

କୃଷ୍ଣପ୍ରସାଦ, (ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଲୋକନୃତ୍ୟ ଦଣ୍ଡଯାତ୍ରାର ଗୁରୁ ମାୟାଧର ଜେନାଙ୍କ ପରଲୋକ ହୋଇଯାଇଛି। ସେ ବିଭିନ୍ନ ଅନୁଷ୍ଠାନରୁ କଳାକାର ଭାବେ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ କଳାକାର, ଶିକ୍ଷାବିତ୍ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦଳବେହେରା ସାହି ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। କୃଷ୍ଣପ୍ରସାଦ ବ୍ଲକ ଜଣେ ଦକ୍ଷ କଳାକାରଙ୍କୁ ହରାଇଲା ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ କହିଛନ୍ତି।

## ସଂକ୍ଷେପରେ

### ନିଆଁ ଲାଗି ଗ୍ୟାସ ଟାଙ୍କି ବିସ୍ଫୋରଣ

**ବର୍ତ୍ତିଲେ ରୋଷେୟା, ଶିକ୍ଷକ**

ଝାଁଳା,୧୯ା୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଝାଁଳା ଫାଣ୍ଡି ଅଧୀନ ମୁଣ୍ଡମୁହାଣ କୃଷ୍ଣ ଚନ୍ଦ୍ର ସରକାରୀ ବିଦ୍ୟାଳୟର ରୋଷେଇ ଘରେ ଗୁରୁବାର ଗ୍ୟାସ୍ ଟାଙ୍କି ବିସ୍ଫୋରଣ ଘଟିଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ରୋଷେଇ ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୁରୁବାର ସକାଳେ ରୋଷେୟା ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସହାୟିକା ସନ୍ତୋଷୀ ଭଞ୍ଜ ଓ ବୋଇତ ବେହେରା ମଧ୍ୟାହ୍ନଭୋଜନ ରୋଷେଇ କରିବା ପାଇଁ ସ୍କୁଲରେ ପହଞ୍ଚିଥିଲେ। ଗ୍ୟାସ୍ ସରିଯାଇଥିବାରୁ ଏକ ନୂଆ ଟାଙ୍କି ସଂଯୋଗ କରିଥିଲେ। ରେଗୁଲେଟର ମୋଡିବା ବେଳେ ବ୍ୟତିକ୍ରମ ଦେଖାଦେବାରୁ ଜଣେ ଶିକ୍ଷକଙ୍କୁ ଡାକିଥିଲେ। ପାଇପ୍ ସଂଯୋଗ ପରେ ଚୁଲା ଲଗାଇଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ରୋଷେଇ ଘରୁ ସମସ୍ତେ ବାହାରକୁ ପଳାଇ ଆସିଥିଲେ। ଏହା ପରେ ଗ୍ୟାସ ଟାଙ୍କି ବିସ୍ଫୋରଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ରାସ୍ତା ପାର୍ଶ୍ୱରୁ ମୃତଦେହ ଜବତ

ବାଲୁଗାଁ,୧୯ା୫(ଡି.ଏନ୍.ଏ.): ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟ ଛକ ରାସ୍ତା ପାର୍ଶ୍ୱରୁ ଗୁରୁବାର ବାଲୁଗାଁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ପିନ୍ଧିଥିବା ବସ୍ତ୍ରରୁ ଜବତ ହୋଇଥିବା ଏକ କାଗଜରେ ନାମ ପ୍ରଦୀପ ଓ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ବୋଲି ଦର୍ଶାଯାଇଛି। ତାଙ୍କ ବୟସ ଆନୁମାନିକ ୫୦ବର୍ଷ ହେବ । ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୨)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ପ୍ରକାଶ ଯେ, ବ୍ୟକ୍ତି ଜଣଙ୍କ କିଛି ଦିନ ପୂର୍ବେ ବାଲୁଗାଁ ଅଞ୍ଚଳରେ ବୁଲୁଥିବା ବେଳେ କୁକୁର କାମୁଡ଼ାର ଶିକାର ହୋଇଥିଲେ। ଗୁରୁବାର ଭୋର ପ୍ରାୟ ୫ଟାରେ ସେ ଏକ ଦୋକାନରୁ ଚା' ପିଇବା ପରେ ନିକଟ ଏକ ଦୋକାନ ବାରଣ୍ଡାରେ ଶୋଇଥିଲେ। କିଛି ସମୟ ପରେ ଦୋକାନ ମାଲିକ ଆସି ଦେଖିବା ବେଳକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା । ତେବେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ନବବଧୂଙ୍କ ମୃତଦେହ ଜବତ ଘଟଣା, ସ୍ୱାମୀ ଗିରଫ

ନିରାକାରପୁର,୧୯ା୫(ଡି.ଏନ୍.ଏ.): ନିରାକାରପୁର ଥାନା ଅନ୍ତର୍ଗତ ରାମମନ୍ଦିର ନିକଟ ରଥ କଲୋନୀ ଅଞ୍ଚଳରୁ ଗତ ୧୪ ତାରିଖରେ ପୋଲିସ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତା ହେଲେ କଲ୍ୟାଣୀ ମିଶ୍ର ଓରଫ ପୂଜା। ଏହି ଘଟଣାରେ ପୋଲିସ ପୂର୍ବରୁ ଶାଶୁ, ଶ୍ୱଶୁର ଓ ଦେଢଶୁରଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ସ୍ୱାମୀ ଅସିତ୍ କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଥାଉ କି, ନିରାକାରପୁର ଥାନା ଅନ୍ତର୍ଗତ ଲଳିତାପାଟପୁର ଗ୍ରାମରେ ଅସିତଙ୍କ ଘର ହୋଇଥିବା ବେଳେ ରଥ କଲୋନୀ ଅଞ୍ଚଳରେ ରୁହନ୍ତି। ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବୀରଗୋବିନ୍ଦପୁର ଗ୍ରାମର ପୂଜାଙ୍କୁ ଗତ ମାର୍ଚ୍ଚ ୪ ତାରିଖରେ ଅସିତ୍ ବିବାହ କରିଥିଲେ। ବିବାହ ବେଳେ ଝିଅ ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଗତ ୧୪ ତାରିଖରେ ପୂଜାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଥିଲା। ଯୌତୁକ ପାଇଁ ପୂଜାଙ୍କୁ ମାରି ଝୁଲାଇ ଦିଆଯାଇଛି ବୋଲି ଭାଇ କୀର୍ତ୍ତିରଞ୍ଜନ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୯୮/୨୨)ରୁଜୁକରି ତଦନ୍ତ ଚଳାଇଥିଲା।

### ଇଷ୍ଟ ଇଣ୍ଡିଆ କରାଟେରେ ଭାଗ ନେବେ ଖୋର୍ଦ୍ଧାର ୮ ପ୍ରତିଯୋଗୀ

ବାଲୁଗାଁ,୧୯ା୫(ଡି.ଏନ୍.ଏ.): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଇଷ୍ଟ ଇଣ୍ଡିଆ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଖୋର୍ଦ୍ଧା ଜିଲାର ୧୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୮ଜଣ ମନୋନୀତ ହୋଇଛନ୍ତି। ଏନେଇ ଜିଲା କରାଟେ ସଂଘର ସମ୍ପାଦକ ସେନସେଇ ଦୀପକ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ଏଥିରେ ୫ଟି ରାଜ୍ୟ ତଥା ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବରରୁ ୫ଶହ ପ୍ରତିଯୋଗୀ ଅଶଂଗ୍ରହଣ କରିବେ। ପ୍ରତିଯୋଗୀଙ୍କ ମଧ୍ୟରେ ବାଳିକା ବିଭାଗରେ ରିଶିତା ସାହୁ, ଆଦିତୀ ମହାନ୍ତି, ଅଂଶିତା ସାହୁ, ସଲୋନୀ ପାତ୍ର, ମୋନାଲୀ ମହାପାତ୍ର ଏବଂ ବାଳକ ବିଭାଗରେ ସୌମ୍ୟଶୁଶାନ୍ତ ବିଶ୍ୱାଳ, ସତ୍ୟପ୍ରକାଶ ଛାଟୋଇ ଓ ଅଭିଷେକ ବଳିୟାରସିଂହ ମନୋନୀତ ହୋଇଛନ୍ତି।

# ମିଳୁନି ଟୁଙ୍ଗି ପୁନରୁଦ୍ଧାର ସହାୟତା

**ଖୋଲା ଆକାଶ ତଳେ ଚାଲିଛି ଭାଗବତ ସଭା**



ବେଗୁନିଆ,୧୯ା୫ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବହୁ ବିକାଶମୂଳକ ଯୋଜନା ମଧ୍ୟରୁ ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା ଅନ୍ୟତମ। ଗାଁ ଗହଳିରେ ରହିଥିବା ଝାଟିମାଟି ଟୁଙ୍ଗିର ପୁନରୁଦ୍ଧାର ପାଇଁ ୪ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ସହାୟତା ଘୋଷଣା କରାଯାଇଥିଲା। ଜିଲା ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ୍ୟ ମିଳୁନି ସହାୟତା। ପରମ୍ପରାକୁ ବଞ୍ଚାଇବାକୁ ଯାଇ ଖୋଲା ଆକାଶ ତଳେ ଚାଲୁଛି ଭାଗବତ ସଭା ବୋଲି ବେଗୁନିଆ ବ୍ଲକ କୋଲୁହାପାଟଣା ଅଞ୍ଚଳର କୃପାସିନ୍ଧୁ ପଣ୍ଡା, ସଦାଶିବ ପଣ୍ଡା, ମଦନ ମୋହନ ସାହୁ ପ୍ରମୁଖ କହିଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରତିବର୍ଷ ଭଳି ଚଳିତ ବର୍ଷ କୋଲୁହାପାଟଣା ଗ୍ରାମରେ ବୁଦ୍ଧ ପୂର୍ଣ୍ଣିମୀ ଠାରୁ ଆରମ୍ଭ ହୋଇଥିବା ୨୦୧ତମ ଭାଗବତ ସଭା ବୁଧବାର ଉଦ୍ଯାପିତ ହୋଇଯାଇଛି। ସଦାନନ୍ଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଷ୍ଟାଦଶ ମହାପୁରାଣର ଭାଗବତ ପାଠ କରାଯାଇଥିଲା। ୬ଷ୍ଠ ସ୍କନ୍ଧର ତୃତୀୟ ଅଧ୍ୟାୟ 'ଯମରାଜ ଓ ଯମଦୂତଙ୍କ' କଥୋପକଥନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସେହିପରି ଉଦ୍ଯାପନୀ ଦିବସରେ ଦ୍ୱାଦଶ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ 'କଳିଯୁଗର ବୈଶିଷ୍ଟ୍ୟ' ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପଣ୍ଡିତ କୈଳାସ ନାଥ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ତପନ କୁମାର ପଣ୍ଡା, ଅଖିଳେଶ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ପବିତ୍ର କୁମାର ପୃଷ୍ଟି, ନିରଞ୍ଜନ ଦାଶପୁରୀ ପ୍ରମୁଖ ବ୍ୟାଖ୍ୟା କରିଥିଲେ। ଗୌରହରି ପଣ୍ଡା, ଶ୍ରୀକାନ୍ତ ଦାଶ, ବନମାଳୀ ପଣ୍ଡା, ଶ୍ୱେତ ମହାପାତ୍ର, ଗୋକୁଳ ଚନ୍ଦ୍ର ପଣ୍ଡା, ଧନେଶ୍ୱର ପଣ୍ଡା ପୁରାଣ ପଠନରେ ସହାୟତା କରିଥିଲେ। ବନମାଳୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ଖୋର୍ଦ୍ଧା, ନୟାଗଡ, ପୁରୀ ଓ କଟକ ଜିଲାର ବହୁ ପଣ୍ଡିତଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଚନ୍ଦନ ପୋଖରୀରେ ଚାପ ଖେଳିଲେ ଶ୍ରୀଜୀଉ



ଶ୍ରଦ୍ଧାଳୁମାନେ ବିମାନରେ ଠାକୁରଙ୍କୁ ଚନ୍ଦନ ପୋଖରୀକୁ ନେଉଛନ୍ତି।

କୃଷ୍ଣପ୍ରସାଦ,୧୯ା୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ଠାରେ ଚନ୍ଦନ ଯାତ୍ରା ମହୋତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଛି। ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ପାଞ୍ଚ ମୌଜା ପରିଚାଳନା କମିଟି ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଇପିଙ୍ଗସ୍ଥିତ ଶ୍ରୀମନ୍ଦିରରୁ ଦଧିବାମନ ଦେବ ଓ ପାରିକୁଦ ରାଜ ନଅରରୁ ଶ୍ରୀକୃଷ୍ଣ, ବଳରାମଙ୍କୁ ସୁସଜ୍ଜିତ ବିମାନରେ ନିଆଯାଇ ନୀଳକଣ୍ଠେଶ୍ୱର ଦେବ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚନ୍ଦନ ପୋଖରୀରେ ଶ୍ରୀଜୀଉମାନେ ଚାପ ଖେଳିଥିଲେ। ସନ୍ଧ୍ୟାରେ ଆତସବାଜି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୫ଦିନ ଧରି ଏହି ଉତ୍ସବ ଚାଲିବ ବୋଲି ପରିଚାଳନା କମିଟି ସଭାପତି ଡମ୍ବରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରା କହିଛନ୍ତି। ଶୁକ୍ରବାର ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଚନ୍ଦନଯାତ୍ରା ପଡିଆରେ ଅନୁଷ୍ଠିତ ହେବ।

## ଠିକା କର୍ମଚାରୀଙ୍କୁ ମିଳୁନି ବକେୟା ଦରମା



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଠିକା କର୍ମଚାରୀମାନେ।

ଖୋର୍ଦ୍ଧା ଅଫିସ,୧୯ା୫

କରୋନା ଟିକାକରଣରେ ନିୟୋଜିତ ଠିକା କର୍ମଚାରୀଙ୍କୁ ମିଳିନାହିଁ ବକେୟା ଦରମା। ଏପରିକି ଚୁକ୍ତିନାମା ଅନୁଯାୟୀ ମୂଳ ଦରମା ଠାରୁ କମ୍ ଦରମା ପ୍ରଦାନ କରାଯାଇଛି। ସେମାନଙ୍କ ବକେୟା ଦରମା ପ୍ରଦାନ ଦାବିରେ ଗୁରୁବାର ଏକାଧିକ ଠିକା କର୍ମଚାରୀ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସିଡିଏମଓ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଯେ, ରାଜ୍ୟରେ କରୋନା ସଂକ୍ରମଣ ରୋକିବା ପାଇଁ ଜନସାଧାରଣଙ୍କୁ ଟିକାକରଣ ଲାଗି ସରକାର ଠିକାରେ କର୍ମଚାରୀଙ୍କୁ ନିୟୋଜିତ କରିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀ ୨୦୨୧ ଫେବୃୟାରୀରେ ଦୈନିକ ୫ଶହ ଟଙ୍କା ହିସାବରେ ଯୋଗଦେଇଥିଲେ। ତେବେ ଗତ ଡିସେମ୍ବରରୁ ଏପ୍ରିଲ ୩ ପର୍ଯ୍ୟନ୍ତ ୫ମାସର ଦରମା ଦିଆଯାଇନଥିଲା। ସମ୍ପୃକ୍ତ କର୍ମଚାରୀମାନେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଫଣ୍ଡିଂ ନ ଥିବା କହି ଫେରାଇ ଦିଆଯାଇଥିଲା। ମେ' ୨ ରେ ପୁଣି ଥରେ ଡିପିଏମ ଏବଂ ସିଡିଏମଓଙ୍କୁ ସାକ୍ଷାତ କରିଥିଲେ। ପରେ ଡିସେମ୍ବରରୁ ଫେବୃୟାରୀ ମାସ ଦରମା ବାବଦକୁ ୪୫ହଜାର ଟଙ୍କା ପରିବର୍ତ୍ତେ ୧୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଯାହାକି ଧାର୍ଯ୍ୟ ଦୈନିକ ଦରମା ଠାରୁ ବହୁତ କମ୍ ରହିଥିଲା। ପରେ କୌଣସି ସୂଚନା ଦିଆ ନ ଯାଇ କାର୍ଯ୍ୟରୁ ବାହାର କରି ଦିଆଗଲା। ପରବର୍ତ୍ତୀ ସମୟରେ ମେ'୧୮ରେ ମାର୍ଚ୍ଚ ଓ ଏପ୍ରିଲ ମାସ ବାବଦକୁ ୪ହଜାର ଟଙ୍କା ଦିଆଯାଇଥିଲା। ରାଜ୍ୟର ଅନ୍ୟ ଜିଲାରେ ସରକାରୀ ଧାର୍ଯ୍ୟ ଅନୁସାରେ ଟିକାକରଣରେ ନିୟୋଜିତ କର୍ମଚାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦିଆଯାଉଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ହର ଘର ଦସ୍ତକ ଅଭିଯାନ ବାବଦକୁ ଆସିଥିବା ଟି.ଏ ଖର୍ଚ୍ଚରୁ ମଧ୍ୟ ବଞ୍ଚିତ କରାଯାଇଛି। ନ୍ୟାୟ ପ୍ରଦାନ ସହ ବକେୟା ଦରମା ପ୍ରଦାନ ଲାଗି ଜିଲାପାଳଙ୍କ ନିକଟରେ ସେମାନେ ଦାବି କରିଛନ୍ତି। ଏନେଇ ସିଡିଏମଓଙ୍କ ସହ ଆଲୋଚନା କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଅନସୂୟା ବଳବନ୍ତରାୟ, ଶିବାନୀ ଦେବୀ, ପ୍ରାଚୀ ରଞ୍ଜନ ସେଠୀ, ଅର୍ପିତା ପ୍ରିୟଦର୍ଶିନୀ ପାତ୍ର, ଶର୍ମିଷ୍ଠା ରାଜଗୁରୁ, ଚନ୍ଦନ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ସ୍ମିତା ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ବୃଦ୍ଧଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର, ୧୯ା୫(ବ୍ୟୁରୋ)

୨୦୧୭ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଭୁବନେଶ୍ୱର ପୋକ୍ସୋ କୋର୍ଟ ଗୁରୁବାର ରାୟ ଶୁଣାଇଛନ୍ତି। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ୍ ମିନାକ୍ଷୀ ଦାଶ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଆନନ୍ଦ ରାଉତ(୭୦)। ଦୋଷୀ ଆନନ୍ଦ ଗିରଫ ହେବା ପରେ ୧ ବର୍ଷ ୧୦ ମାସ ୧୭ ଦିନ ଜେଲରେ ବିଚାରାଧିନ ବନ୍ଦୀ ଭାବେ ରହି ଜାମିନରେ ଆସିଥିଲେ। ବଳାତ୍କାର ବେଳେ ପୀଡ଼ିତା ନାବାଳିକାଙ୍କୁ ୧୧ ବର୍ଷ ହୋଇଥିଲା। ସୂଚନା ଅନୁଯାୟୀ, ୨୦୧୭ ଫେବୃୟାରୀ ୨୭ ଅପରାହ୍ନରେ ପୀଡ଼ିତା ନାବାଳିକା ସ୍କୁଲରୁ ଫେରି ଘରେ ଏକା ଥିଲେ। ମା' ଘରେ ନ ଥିଲେ ଓ ତାଙ୍କ ବାପା କାମକୁ ଯାଇଥିଲେ। ସେହି ସମୟରେ ତାଙ୍କ ଗ୍ରାମର ଆନନ୍ଦ ତାଙ୍କ ଘରକୁ ଆସି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏପରିକି ତାଙ୍କୁ ମାଡ଼ ମାରିବା ସହ ଘଟଣା ବିଷୟରେ ନ କହିବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ବାପା ଘରକୁ ଫେରିବା ପରେ ନାବାଳିକା ଘଟଣା ବିଷୟରେ ତାଙ୍କୁ କହିଥିଲେ। ଏହାର ପରଦିନ ଅର୍ଥାତ ୨୭ ତାରିଖରେ ନାବାଳିକାଙ୍କ ମା' ଟାଙ୍ଗୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ପୋକ୍ସୋ ଆକ୍ଟ ସହ ଆଇପିସିର ୩୭୬ ଦଫାରେ ଏକ ମାମଲା (ନଂ. ୭୪/୨୦୧୭) ରୁଜୁ କରି ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁଣାଣି ସମୟରେ ୫୪ ଦସ୍ତାବିଜ୍ ସହ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

## ଜବରଦଖଲ ବିରୋଧ କରିବାରୁ ମିଥ୍ୟା ମାମଲା

**ଡିସିପିଙ୍କ ଦ୍ୱାରସ୍ଥ ହେଲେ ଜମି ମାଲିକ**

ଜଟଣୀ,୧୯ା୫(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ ବଡ଼ନୂଆଗାଁ ଅଞ୍ଚଳରେ କେତେଜଣ ବ୍ୟକ୍ତି ବେଆଇନ ଭାବେ ସରକାରୀ ଓ ବେସରକାରୀ ଜମି ଜବରଦଖଲ କରୁଛନ୍ତି। ପ୍ରତିବାଦ କଲେ ହତ୍ୟା ଧମକ ଦେବା ସହ ଜମି ମାଲିକଙ୍କ ନାଁରେ ମିଥ୍ୟା ଅଭିଯୋଗ କରୁଛନ୍ତି। ପୋଲିସ ଘଟଣାର ତଦନ୍ତ ନ କରି ମାମଲା ରୁଜୁ କରିବା ସହ ଜେଲ ପଠାଇଦେବାକୁ ଧମକ ଦେଉଛି ବୋଲି ଜମି ମାଲିକ ତଥା ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମହାପାତ୍ର ବୁଧବାର ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉଚିତ୍ ନ୍ୟାୟ ଓ ସୁରକ୍ଷା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ବଡନୂଆଗାଁ ଶ୍ମଶାନକୁ ଲାଗିରହିଥିବା ସରକାରୀ ଜମି ଯାହାର ପ୍ଲଟ ନମ୍ବର ୩୦୨, ୧୯୯, ୨୦୭, ୨୦୦, ୨୦୧, ୨୦୨, ୨୬୭, ୨୦୫, ୨୦୬ ଓ ୨୦୭କୁ ଗତ ୧୫ତାରିଖରେ କେତେଜଣ ବ୍ୟକ୍ତି ସଫାକରିବା ସହିତ ଉକ୍ତ ପ୍ଲଟକୁ ଲାଗିରହିଥିବା ବେସରକାରୀ ପୈତୃକ ଜମିକୁ ଜବରଦଖଲ କରୁଥିଲେ। ଖବରପାଇ ଜମି ମାଲିକ ମହାପାତ୍ର ପହଞ୍ଚି କାର୍ଯ୍ୟ ବନ୍ଦ କରିବା ପାଇଁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଜବରଦଖଲକାରୀମାନେ ମହାପାତ୍ରଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ତେବେ ଘଟଣା ସମ୍ପର୍କରେ ଥାନାରେ ଜଣାଇବା ପୂର୍ବରୁ ଜବରଦଖଲକାରୀମାନେ ମହାପାତ୍ରଙ୍କ ନାମରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ତଥା ଏସ୍ଆଇ ପ୍ରଫୁଲ୍ଲ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜମି କାଗଜପତ୍ର ନେଇ ଥାନାରେ ହାଜର ହୋଇ ମହାପାତ୍ର ପକ୍ଷ ରଖିଥିଲେ। ତେବେ ପୋଲିସ ଘଟଣାର ତଦନ୍ତ ନ କରି ଜେଲ ପଠାଇଦେବା ଧମକ ଦେବା ସହ ଉକ୍ତ ଜମି ମାମଲାରେ କୌଣସି ହସ୍ତକ୍ଷେପ ନ କରିବାକୁ କହିଥିଲା ବୋଲି ଜମି ମାଲିକ ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀ ତଥା ଏସ୍ଆଇ ପ୍ରଫୁଲ୍ଲ ସାହୁଙ୍କ ମୋବାଇଲ ନମ୍ବର (୯୪୩୭୪୩୩୦୫୦)ରେ ଯୋଗଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

## ୱାର୍ଡ ବୁଲିଲେ, ଲୋକଙ୍କ ସମସ୍ୟା ବୁଝିଲେ



ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ ଅଞ୍ଚଳ ସମସ୍ୟା ପଚାରି ବୁଝୁଛନ୍ତି।

ଜଟଣୀ,୧୯ା୫ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ସରକାରଙ୍କ ବିଭିନ୍ନ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ, ସେନେଇ ଗୁରୁବାର ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ ଜଟଣୀ ପୌରାଞ୍ଚଳର ବିଭିନ୍ନ ୱାର୍ଡର ସାହି, ବସ୍ତି ପରିଦର୍ଶନ କରିଥିଲେ। ସଭାପତି ବଳବନ୍ତରାୟ ଲୋକଙ୍କ ସମସ୍ୟା ବୁଝିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜିଲା ସମ୍ପାଦକ ଅନନ୍ତ ଶତପଥୀ କହିଛନ୍ତି। ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଆରତୀ ରାଉତ, ସୁଶାନ୍ତ ରାଉତ, ବିଜୟ ପଣ୍ଡା, ଜିଲ ରାଜା ସ୍ୱାଇଁ, ସୁଦର୍ଶନ ସୁନ୍ଦରାୟଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଅସହାୟ ମହିଳାଙ୍କୁ ଉଦ୍ଧାର କରି ଆଶ୍ରମକୁ ପଠାଇଲେ

ଖୋର୍ଦ୍ଧା ଅଫିସ,୧୯ା୫

ଖୋର୍ଦ୍ଧା ମେଡିକାଲରେ ଅସହାୟ ଭାବେ ବୁଲୁଥିବା ଜଣେ ମହିଳାଙ୍କୁ ପବ୍ଲିକ୍ ରାଇଟ ଆସୋସିଏଶନ ଟିମ୍ ପହଞ୍ଚି ପଚରାଉଚୁରା କରିଥିଲେ। ସେ ନିଜ ସମ୍ପର୍କରେ କିଛି କହିପାରି ନଥିଲେ। ଟିମ ବିଶ୍ୱକର୍ମା ସଙ୍ଗଠନ ଦ୍ୱାରା ପରିଚାଳିତ ମା'ବାପା ଅନାଥାଶ୍ରମ ସହ ଯୋଗାଯୋଗ କରିଥିଲେ। ଅନାଥାଶ୍ରମ ଟିମ୍ ପହଞ୍ଚି ସମ୍ପୃକ୍ତା ମହିଳାଙ୍କୁ ଆଶ୍ରମକୁ ନେଇଥିଲେ। ଏହି ସମୟରେ ଆସୋସିଏଶନର ଜିଲା ସଭାନେତ୍ରୀ ଶୁଭଲକ୍ଷ୍ମୀ ସାମନ୍ତରା ଏବଂ ଜିଲା ସୋସିଆଲ ମେଡିଆ ସଭାପତି ସୟଦ ଅନସର ଅଲ୍ଲୀଙ୍କ ସମେତ ପ୍ରତାପ ପରିଡା, ଗୌତମ ମହାରଣା, ରାମଚନ୍ଦ୍ର ମହାପାତ୍ର, ନିବାସ ମହାରଣା, ପ୍ରସନ୍ନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ୧୫ ପଥର ବୋଝେଇ ଟ୍ରକ୍ ଜବତ, ୪ ଗିରଫ

**ମାଙ୍କଡ଼ା ପଥର ଖଣିରେ ଚଢ଼ାଉ**



ଖୋର୍ଦ୍ଧା ଅଫିସ,୧୯ା୫

ଖୋର୍ଦ୍ଧାରେ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବଢ଼ି ଚାଲିଛି। ଶହ ଶହ ଟ୍ରକରେ ମାଙ୍କଡ଼ା ପଥର ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳକୁ ଚାଲାଣ କରାଯାଉଛି। ଗୁରୁବାର ସକାଳେ ଟାଉନ ପୋଲିସ କୁମାରବସ୍ତ ମୌଜାରେ ବେଆଇନ ଭାବେ ଚାଲିଥିବା ପଥର ଖଣିରେ ଚଢ଼ାଉ କରି ୧୫ଟି ମାଙ୍କଡା ପଥର ବୋଝେଇ ଟ୍ରକ, ଗୋଟିଏ ପାୱାର ଟିଲର ଜବତ ସହ ୪ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ସେମାନେ ହେଲେ ଇନ୍ଫୋଭ୍ୟାଲି ଥାନା ଗୌଡକାଶିପୁରର ରବୀନ୍ଦ୍ର ଦିହୁଡି, ଜଟଣୀ ଥାନା ଝାଁଳାର ଦିଲୀପ ପ୍ରଧାନ, ଏୟାରଫିଲ୍ଡ ଥାନା ଜାମୁକୋଳିର ରଘୁନାଥ ସାହୁ ଏବଂ ଜଙ୍କିଆ ଥାନା ଓଳସିଂର ରତି ରଞ୍ଜନ ବେହେରା। ଏନେଇ ଥାନାରେ ମାମଲା(ନଂ.୨୩୨/୨୨)ରୁଜୁ ହୋଇଛି। ସୂଚନା ମୁତାବକ, ଟାଉନ ଥାନା ଆଡିସିନାଲ ଆଇଆଇସି ପ୍ରଜ୍ଞା ପରମିତା କର ଗୁରୁବାର ସକାଳେ ଏକ ଟିମ୍ ସହ କୁମାରବସ୍ତରେ ଥିବା ଖଣିରେ ଚଢ଼ାଉ କରିଥିଲେ। ମାଙ୍କଡ଼ା ଚାଲାଣ ଲାଗି ୫୦ରୁ ଊର୍ଦ୍ଧ୍ୱ ଟ୍ରକ ଧାଡିରେ ଥିବା ବେଳେ ପାୱାରଟିଲର ଏବଂ ଜେସିବି ମାଧ୍ୟମରେ ପଥର କଟିଂ ଏବଂ ଟ୍ରକରେ ଲୋଡିଙ୍ଗ ହେଉଥିବା ଦେଖିବାକୁ ପାଇଥିଲେ। ପୋଲିସକୁ ଦେଖି କେତେଜଣ ଡ୍ରାଇଭର ଟ୍ରକ ସହ ସେଠାରୁ ଫେରାର ହୋଇଯାଇଥଲେ। ଏଠାରୁ ନ ଗଲେ, ଜୀବନରେ ମାରିଦେବାକୁ ପୋଲିସକୁ ଧମକ ଦେଇଥିଲେ ୪ ଟ୍ରକ ଚାଳକ। ବୋମା ପକାଇ ଉଡାଇ ଦେବାକୁ ଧମକ ମଧ୍ୟ ଦେଇଥିଲେ। ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଚଢ଼ାଉରେ ଏଏସ୍ଆଇ ପି.ଏଚ୍. ଜେନା, ଅଶୋକ ସେଠୀ, ପି.ହରିଚନ୍ଦନ, ଏମ୍ ଖାନ, ବାମନ କୁମାର, ରଞ୍ଜନ ପ୍ରଧାନ, ବି. କନ୍ହାର, ଭାଗ୍ୟଲକ୍ଷ୍ମୀ ମଙ୍ଗରାଜ ପ୍ରମୁଖ ସାମିଲ ଥିଲେ।

# ରାସ୍ତାରେ ଭାସୁଛି ନର୍ଦ୍ଦମାପାଣି

ଖୋର୍ଦ୍ଧା ଅଫିସ,୧୯ା୫



ଖୋର୍ଦ୍ଧା–ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ଡ୍ରେନ ପାଣି ରାସ୍ତାରେ ଭାସୁଛି।

- ଖୋର୍ଦ୍ଧାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଅଧିକାଂଶ ଡ୍ରେନ୍‌ର ସ୍ଲାବ୍ ନାହିଁ

ଖୋର୍ଦ୍ଧା ପୌର ପରିଷଦରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷା ନାହିଁ, କିନ୍ତୁ ନାଳନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି। ଖୋର୍ଦ୍ଧା– ନୟାଗଡ ୫୭ ନମ୍ବର ଜାତୀୟ ରାଜପଥରେ ଏହି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଗତ ସପ୍ତାହ ହେଲାଣି ନର୍ଦ୍ଦମାପାଣି ରାସ୍ତାରେ ଭାସୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଗୃହ ଥିବାବେଳେ ଦୈନିକ ଲୋକେ ନାଳ ଅପରିଷ୍କାର ପାଣି ଦେଇ ଯାତାୟାତ କରୁଛନ୍ତି। ଦୀର୍ଘଦିନ ଧରି ନାଳ ସଫା ହେଉ ନ ଥିବାରୁ ନିକଟରେ କାଳବୈଶାଖୀ ବର୍ଷାରେ ନାଳନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ତେବେ ଏହା କେବଳ ଉକ୍ତ ରାସ୍ତା ନୁହଁ ବରଂ ସହରର ଏକାଧିକ ସାହି, ଗଳିରେ ସମାନ ଦୃଶ୍ୟ ରହିଛି।

ଖୋର୍ଦ୍ଧା ସହରରେ ଡ୍ରେନର ଆରମ୍ଭ ଏବଂ ଶେଷ କେଉଁଠି, ଏ ସମ୍ପର୍କରେ ପୌର ପ୍ରଶାସନ ନା ଡ୍ରେନେଜ ବିଭାଗ କାହା ପାଖରେ ମଧ୍ୟ ସୂଚନା ନାହିଁ। ସହରର ସମସ୍ତ ଡ୍ରେନ୍ ପ୍ରାୟ ପୋତି ହୋଇପଡିଲାଣି। ଅନେକ ଡ୍ରେନ ବର୍ଷ ବର୍ଷ ଧରି ସଫାକରାଯାଉ ନାହିଁ। ଫଳରେ ସହରରୁ ବାହାରୁଥିବା ଅଳିଆ ପଡି ପୋତି ହେଲାଣି। ଖ୍ରୀଷ୍ଟିଆନ ସାହି, ଚର୍ଚ୍ଚ, ମସଜିଦ୍, ପୂର୍ତ୍ତ ବଙ୍ଗଳା ସମ୍ମୁଖ ସମେତ ୨୨ଟି ୱାର୍ଡର ଡ୍ରେନ ମୁକୁଳା ପଡିଛି। ସେହିପରି ଦୀପତଳ ଅନ୍ଧାର ଭଳି ପୌର ପ୍ରଶାସନର ଶହେ ମିଟର ପରିଧି ମଧ୍ୟରେ ରହିଥିବା କୌଣସି ଗୋଟିଏ ଡ୍ରେନରେ ସ୍ଲାବ୍ ପଡିନି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନେକ ସ୍ଥାନରେ ସ୍କୁଲ ନିକଟରେ ରହିଥିବା ଡ୍ରେନ ମଧ୍ୟ ମୁକୁଳା ପଡିଛି। ବର୍ଷ ବର୍ଷ ଧରି ଏହି ଡ୍ରେନ୍‌ଗୁଡିକ ମୁକୁଳା ପଡିଥିଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ବିଡିଏ କଲୋନୀର ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, କଲୋନୀରେ ଅନେକ ଡ୍ରେନ ପୋତିହୋଇଗଲାଣି। ବର୍ଷା ହେଲେ ଅଳିଆ ପାଣି ରାସ୍ତାରେ ଭାସୁଛି। ମୁକୁଳା ଡ୍ରେନଗୁଡିକ ଭାଙ୍ଗିରୁଜି ଗଲାଣି। ଅନେକ ସ୍ଥାନରେ ଡ୍ରେନଗୁଡିକୁ ଜବରଦଖଲ କରାଯାଇ ଦୋକାନ ଘର ହେଉଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବା ଆବଶ୍ୟକ। ଏ ନେଇ ପୌର ପରିଷଦ ସାନିଟାଇଜ ଏକ୍ସପର୍ଟ ଦେବାଶିଷ ବରାଳ କୁହନ୍ତି, ଏକାଧିକ ନାଳ ଜବରଦଖଲରେ ରହିଛି। ଫଳରେ ନାଳ ସଫା କରିବାରେ ଅସୁବିଧା ହେଉଛି। ଅନ୍ୟପଟେ କଂଗ୍ରେସ ନେତା ଶିଶିର ପରିଡା କୁହନ୍ତି, ପରିମଳ ବ୍ୟବସ୍ଥା ଲାଗି କୋଟି କୋଟି ଟଙ୍କା ଅର୍ଥ ଆସୁଥିବା ବେଳେ କାମ ଠିକ୍ ଭାବେ ହେଉ ନାହିଁ। ନାଳ ସଫା ନ ହେବା ଯୋଗୁ ପୋତି ହୋଇଗଲାଣି। ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ବର୍ଷାଦିନ ଆସିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ।

**ଏସ୍‌ସିଏସ୍ କଲେଜ, ଆର୍‌ଏମ୍‌ଆର୍‌ସି ମଧ୍ୟରେ ଏମ୍‌ଓୟୁ**

ପୁରୀ ଅଫିସ- ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱର ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ମହାବିଦ୍ୟାଳୟଠାରେ ସ୍ୱାକ୍ଷରିତ ହୋଇଛି। ଡିବିଟି ଷ୍ଟାର କଲେଜ ଆନୁକୂଲ୍ୟରେ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ସଂସ୍ଥା 'ଆର୍‌ଏମ୍‌ଆର୍‌ସି, ଭୁବନେଶ୍ୱର ପ୍ରଥମଥର ପାଇଁ ଗବେଷଣା କ୍ଷେତ୍ରରେ ଏସ୍‌ସିଏସ୍ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏଥିରେ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡା. ସଂଘମିତ୍ରା ପତି ଓ ଏସ୍‌ସିଏସ୍ କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଜାତୀୟସ୍ତର ଅନୁଷ୍ଠାନର ଛାତ୍ରାଛାତ୍ରୀଙ୍କ ସହିତ ଗବେଷଣା କରିବାର ଓ ତାଲିମ ନେବାର ସୁଯୋଗ ପାଇପାରିବେ ବୋଲି ଡିବିଟି ଷ୍ଟାର କଲେଜ ସଂଯୋଜକ ତଥା ପ୍ରାଣୀ ବିଜ୍ଞାନ ଅଧାପକ ଡ. ଦେବଦାସ ସାହୁ ସୂଚନା ଦେଇଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୯।୫।୨୦୨୨

| | |
|---|---|
| ୨,୭୭,୩୩୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨୫ ଗ୍ରାମ |

# ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି ପ୍ରକଳ୍ପ କାର୍ଯ୍ୟ

- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ
- ହାଇକୋର୍ଟ ବାର୍ ଆସୋସିଏଶନର ସମର୍ଥନ ଲୋଡ଼ିଲା ଶ୍ରୀଜଗନ୍ନାଥ ସେନା

କଟକ ଅଫିସ, ୧୯।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ବେଆଇନ ଭାବେ ଶ୍ରୀମନ୍ଦିର ଚାରିପଟେ ଭାଇବ୍ରେଟିଂ ମେଶିନରେ ଖନନ ଓ ନିର୍ମାଣ କରାଯାଉଛି। ଫଳରେ ଶ୍ରୀମନ୍ଦିରରେ ଅନେକ ଫାଟ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ନିମନ୍ତେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମର୍ଥନ ଲୋଡ଼ିଛି ଶ୍ରୀଜଗନ୍ନାଥ ସେନା। ଏ ସମ୍ପର୍କିତ ଏକ ଦାବିପତ୍ର ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗୁରୁବାର ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଆସୋସିଏଶନ ସମ୍ପାଦକ ଆଲୋକ ନନ୍ଦଙ୍କୁ ପ୍ରଦାନ କରିଛନ୍ତି।

ଆଇନଜୀବୀ ପଟ୍ଟନାୟକ କହିଛନ୍ତି, ଆମ୍‌ସାର ଆଇନ ୧୯୫୮ର ଉଲ୍ଲଂଘନ କରାଯାଇ ଶ୍ରୀମନ୍ଦିର ଚାରିପଟେ ଏସ୍କାଭେଟର, ଡ୍ରିଲିଂ ମେଶିନ ଓ ବୁଲ୍‌ଡୋଜର ସାହାଯ୍ୟରେ ବଡ଼ ବଡ଼ ଗାତ ଖୋଳାଯାଉଛି। ଏହି ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରର ନାଟମଣ୍ଡପ, ବେହରଣ ଦ୍ୱାର, ଜୟବିଜୟ ଦ୍ୱାର, ଘଣ୍ଟିଦ୍ୱାର, ରତ୍ନଭଣ୍ଡାର କାନ୍ଥ ଓ ଜଗମୋହନରେ ଅନେକ ଫାଟ ସୃଷ୍ଟି ହୋଇଛି। ଏହି ଖନନ କାର୍ଯ୍ୟ ୧୦୦ ମିଟର ନିଷିଦ୍ଧାଞ୍ଚଳ ମଧ୍ୟରେ କରାଯାଉଛି। ଏହି କାର୍ଯ୍ୟ ପାଇଁ ଆଇନ ଅନୁଯାୟୀ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ଏଏସ୍‌ଆଇ ହାଇକୋର୍ଟଙ୍କ ନିକଟରେ ସତ୍ୟପାଠରେ ଦାଖଲ କରିଛି। ଏପରି କି ଏହି ବେଆଇନ ଖନନ ଓ ନିର୍ମାଣ କାର୍ଯ୍ୟ ଯୋଗୁ କେବଳ ଶ୍ରୀମନ୍ଦିର ନୁହେଁ ବରଂ ଏହାର ଚତୁଃପାର୍ଶ୍ୱ ମାଟିତଳେ ଥିବା ପୁରାତନ କୀର୍ତ୍ତିରାଜି ଭାଙ୍ଗି ନଷ୍ଟ ହୋଇଛି। ଆଇନ ଅନୁଯାୟୀ ଜିପିଆର୍‌ଏସ୍ ମାଧ୍ୟମରେ ଏହି ଖନନ କାର୍ଯ୍ୟ କରାଯାଇଥିଲେ କୀର୍ତ୍ତିରାଜିର ସୁରକ୍ଷା ହୋଇପାରିଥାନ୍ତା ବୋଲି ପଟ୍ଟନାୟକ କହିଛନ୍ତି। ଶ୍ରୀଜଗନ୍ନାଥ ସେନା ଶ୍ରୀମନ୍ଦିର ସୁରକ୍ଷା ଦାବିରେ ପୁରୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଓ ଆଇନଗତ ଲଢେଇ ଜାରି ରଖିଛି। ଏଣୁ ଉକ୍ତ ଲଢେଇରେ ହାଇକୋର୍ଟ ବାର୍ ଆସୋସିଏଶନ ସାମିଲ ହେବାକୁ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କୁ ଆଇନଜୀବୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।



ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ନନ୍ଦଙ୍କୁ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

## ରଥଖଳାରୁ

# ଯୋଖା ନିର୍ମାଣ କାର୍ଯ୍ୟ ଜାରି



ପୁରୀ ଅଫିସ, ୧୯।୫

ରଥ ସଂହିତା ଅନୁଯାୟୀ ଭଉଁରି ତିଥିରେ ତିନିରଥର ଗୋଟିଏ ଗୋଟିଏ ଅଖ ସହ ଦୁଇଟି ଲେଖାଏ ଚକ ସଂଯୋଗ ହେବାର ବିଧି ରହିଛି। ତେବେ ଭଉଁରି ତିଥିରେ ଚକା ଡେରା ନୀତି ପାଇଁ ଗୁରୁବାର ତିନିରଥର ଗୋଟିଏ ଗୋଟିଏ ନାହାକା ଅଖ ନିର୍ମାଣ ସରିଛି। ବୁଧବାର ତିନିରଥର ନାହାକା ଅଖ ଉଭୟ ପାର୍ଶ୍ୱ ଚଉପଟ ହୋଇଥିବା ବେଳେ ଗୁରୁବାର ସେଗୁଡିକର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥର ୫ଟି ଚକ ଶେଷ ହୋଇ ଷଷ୍ଠ ଚକର ପଇ–ଅଖ ସଂଯୋଗ ସ୍ଥାନରେ କିଳା ବାଡ଼ିଆ ପରେ ପଇ କଳସା ହେବ। ସେହିପରି ପଂଦାରୀ ଗାଡ଼ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସାଲଗୁଜ, ଜଳଯନ୍ତ୍ର ତୀକ୍ଷଗୁଜ ଏବଂ କୁଡୁକା ଶେଷ ହେବା ପରେ ଯୋଖା ନିର୍ମାଣ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ୧୬ରୁ ୭ଟି ଯୋଖା ନିର୍ମାଣ ଶେଷ ହୋଇ ଆଉ ୯ଟିର ନିର୍ମାଣ ଜାରି ରହିଛି। ଯୋଖାଗୁଡିକ ଦଣ୍ଡା ଏବଂ ଗୟଳକୁ ବାନ୍ଧି ରଖିବା ପାଇଁ ଲାଗିଥାଏ। ଦେବଦଳନ ରଥର ୫ଟି ଚକ ଶେଷ ହୋଇଥିବାବେଳେ ୧୨ଟିରୁ ୭ଟି ଯୋଖାର କାର୍ଯ୍ୟ ସରିଛି। ସେହିପରି ନନ୍ଦିଘୋଷ ରଥର ୬ଟି ଚକ ଶେଷ ହୋଇ ୧୬ଟି ଯୋଖାରୁ ୭ଟି ସରିଛି। ତିନିରଥର ୧୮ଜଣ ରୂପକାର ସେବକ ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ତିନିରଥର ୬ଟି ଲେଖାଏ ୧୮ଟି ଗୁଜରେ ରୂପ ଖୋଦେଇ ଚାଲିଛି। ତିନିରଥର ୨ଟି ଲେଖାଏ ଗୁଜରେ ରୂପ ଖୋଦେଇ ଶେଷ ହୋଇଛି। ଅପରପକ୍ଷେ ଦୋଳବେଦୀସ୍ଥିତ ଆସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ତୁମ୍ବ ପାଇଁ ପଂଦାରୀ, ତୁମ୍ବ ମାପ ପ୍ରକାରେ ବଳା ନିର୍ମାଣ ସହ ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଗୋପ,୧୯।୫(ଡି.ଏନ୍.ଏ.)- ଗୋପ ଥାନା ଅଧୀନ ବନ୍ତଳି ଗ୍ରାମରେ ଏକ ସାପ କାମୁଡ଼ାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅନସୂୟା ରାଉତ (୨୩)। ଏ ନେଇ ପୋଲିସ ଏକ ମାମଲା (ନଂ.୧୩/୨୨) ରୁଜୁ କରିଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ମହିଳା ଜଣଙ୍କ ବାଡ଼ିକୁ କୌଣସି କାମରେ ଯାଇଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରେ ପରିବାର ସଦସ୍ୟ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। ଡାକ୍ତର ଚିକିତ୍ସା କରିଥିଲେ ମଧ୍ୟ ଗୁରୁବାର ସକାଳେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗୋପ ଥାନା ଏଏସ୍‌ଆଇ ଜହୁର୍ ଖାଁ ପୁରୀ ସଦର ହସ୍ପିଟାଲରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଛି। ମହିଳାଙ୍କ ପରିବାରକୁ ସହାୟତା ଦେବାକୁ ସରପଞ୍ଚ ମହେଶ୍ୱର ସ୍ୱାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଭଙ୍ଗ ଜାଗାରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ

ପୁରୀ ଅଫିସ,୧୯।୫: ପୁରୀର ଜାଗା ଆଖଡ଼ା ଉନ୍ନତୀକରଣ କାର୍ଯ୍ୟ ପାଇଁ ମୁକ୍ତ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଜାଗାଘରର ଆବଶ୍ୟକତାକୁ ଦେଖି ୩୦ରୁ ୫୦ ଲକ୍ଷ ଟଙ୍କା ଲେଖାଏ ପ୍ରତ୍ୟେକ ଜାଗାଘର ପିଛା ଖର୍ଚ୍ଚ କରାଯାଉଛି। ମାତ୍ର ମାର୍କଣ୍ଡେଶ୍ୱର ସାହି ଭଙ୍ଗଘର ଜାଗାରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦା ସୌଭାଗ୍ୟ ପାଢ଼ୀ କହିଛନ୍ତି, ଜାଗା ଘର ପଡ଼ିଆ ଚାରିପାଖରେ ପାଚେରି ନିର୍ମାଣ ହେଉଥିଲେ ମଧ୍ୟ ପିଲାର ପଡ଼ି ନାହିଁ। ପାଚେରିକୁ ମଜଭୁତ କରିବା ପାଇଁ ଯଥେଷ୍ଟ ପରିମାଣର ଖନନ କରାଯାଇ ନାହିଁ। ଜାଗାଘର ଉନ୍ନତୀକରଣ କାର୍ଯ୍ୟକୁ ମଜଭୁତ ଢଙ୍ଗରେ କରାଯିବା ଦରକାର। ଉନ୍ନତୀକରଣ ନାମରେ ନିମ୍ନମାନର କାର୍ଯ୍ୟକୁ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି।

### ୧୧ରେ ଶରଧାବାଲିରେ ହିନ୍ଦୁ ମହାକୁମ୍ଭ

ପୁରୀ ଅଫିସ, ୧୯।୫: ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସମ୍ମିଳିତ ହିନ୍ଦୁତ୍ୱ ସୁରକ୍ଷା ମହାକ୍ରାନ୍ତି ତରଫରୁ ହିନ୍ଦୁ ମହାକୁମ୍ଭର ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ମହାକ୍ରାନ୍ତିର ସଭାପତି ପ୍ରଦ୍ୟୁମ୍ନ ମିଶ୍ର ଅଧ୍ୟକ୍ଷତାରେ ଉଦ୍‌ଘାଟକ ଭାବେ ଜଗନ୍ନାଥ ସିଂହାରୀ ଏବଂ ମୁଖ୍ୟ ଅତିଥି ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସଂଯୋଜକ ସତ୍ୟ ନାରାୟଣ ମିଶ୍ର ଏକ ହିନ୍ଦୁ ସଭା ଆୟୋଜନ ହେବ ବୋଲି କହିଥିଲେ। ଆଲୋକ ଖୁଣ୍ଟିଆ ଏବଂ ପ୍ରିୟପ୍ରସାଦ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜୁନ ୧୧ ଓ ୧୨ ତାରିଖରେ ଶରଧାବାଲିରେ ହିନ୍ଦୁ ମହାକୁମ୍ଭ ସଭା ଅନୁଷ୍ଠିତ ହେବ। ସସ୍ମିତା ସାହୁ, ଅରୁଣିମା ସାହୁ, ସ୍ୱପ୍ନାରାଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବେ।



ଚନ୍ଦନ ଚକଡା ପରିସରରେ ଗୁରୁବାର ଲିଙ୍ଗରାଜ କଳାନିକେତନ ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଉଛି ।

## ଚନ୍ଦନ ଚକଡ଼ାରେ ଭକ୍ତି ସଙ୍ଗୀତ ସମାରୋହ

ପୁରୀ ଅଫିସ,୧୯।୫

ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ଚକଡାରେ ଭଜନ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରୀକ୍ଷେତ୍ରର ପୁରାତନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଗୁରୁବାର ଭକ୍ତି ସଙ୍ଗୀତ ସମାରୋହ ହୋଇଛି। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଲୋପାମୁଦ୍ରା ମିଶ୍ର, ସିପ୍ରା ମିଶ୍ର, ଚିରଶ୍ରଦ୍ଧା ମହାନ୍ତି, ଇପ୍ସିତା ମିଶ୍ର, ସୋନାଲିସା ନାଥ, ପ୍ରିୟଙ୍କା ମହାରଣା, କୁନି ସାହୁ, ଲକ୍ଷ୍ମୀପ୍ରିୟା ଲେଙ୍କା, ଜିତେନ୍ଦ୍ର କୁମାର ଦାଶ, ଶୁଭସ୍ମିତା ପ୍ରିୟଦର୍ଶିନୀ, ସ୍ୱାଗତିକା ସ୍ୱାଇଁ, ସଙ୍ଗୀତା ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଗୀତଗୋବିନ୍ଦ, ଚନ୍ଦନ ଗୀତ, ଭଜନ ଜଣାଣ ପରିବେଷଣ କରାଯାଇଥିଲା। ବାଦ୍ୟ ଯନ୍ତ୍ର ମର୍ଦ୍ଦଳରେ ସମ୍ପାଦକ ଗୁରୁ ଜଗନ୍ନାଥ ମିଶ୍ର, ଶାରଦା ପ୍ରସନ୍ନ ମିଶ୍ର, ହରିଶ୍ଚନ୍ଦ୍ର ଦାଶ ଓ ଦେବାଶିଷ ଦାଶ ବେହେଲାରେ ଏବଂ ଦିଲୀପ କୁମାର ପଣ୍ଡା ତବଲାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଧବଳେଶ୍ୱରଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଭାପତି ମୃତ୍ୟୁଞ୍ଜୟ, ସମ୍ପାଦକ ଭୂପତି

କଣାସ,୧୯।୫(ସ୍ୱ.ପ୍ର):

କଣାସ ବ୍ଲକରେ କାର୍ଯ୍ୟରତ ସାଧନକେନ୍ଦ୍ର ସଂଯୋଜକମାନଙ୍କର ଏକ ବୈଠକ ଗୁରୁବାର ପୁରୀସ୍ଥିତ ଶିକ୍ଷକ ପ୍ରଶିକ୍ଷଣକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ସଂଯୋଜକ ବୈକୁଣ୍ଠନାଥ କୋଦମା ସିଂଙ୍କ ଆୟୋଜିତ ବୈଠକରେ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ସଭାପତିତ୍ୱ କରିଥିଲେ। ପରେ ସାଧନକେନ୍ଦ୍ରର ସଂଯୋଜକଙ୍କ ମଧ୍ୟରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ସମ୍ପାଦକ ଭୂପତି ଭୂଷଣ ତ୍ରିପାଠୀ, କୋଷାଧ୍ୟକ୍ଷ ସସ୍ମିତା ଜାଲି ମନୋନୀତ ହୋଇଥିଲେ। ବୈଠକରେ ସାଧନକେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ସାହୁ, ଧନେଶ୍ୱର ପାତାଳସିଂ, ସତ୍ୟପ୍ରିୟ ମଙ୍ଗରାଜ, ପ୍ରଭାକର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ଶେଡ୍ ଖୋଲି ଚାରିଦୁଆର ଦର୍ଶନ ପାଇଁ ଦାବି

## ବିନା ଅନୁମତିରେ ଲାଗିଛି ଶେଡ୍

ପୁରୀ ଅଫିସ,୧୯।୫:

ଶ୍ରୀମନ୍ଦିର ସମ୍ମୁଖରୁ ଶେଡକୁ ହଟାଇବା ସହ ଚାରିଦୁଆର ପଟରୁ ଦର୍ଶନ ପାଇଁ ସାଧାରଣରେ ଦାବି ହୋଇଛି। ସିଂହଦ୍ୱାର ପରେ ଏବେ ପଶ୍ଚିମ ଓ ଦକ୍ଷିଣ ଦ୍ୱାର ଶେଡ୍ ନିର୍ମାଣ କରୁଛି ପ୍ରଶାସନ। ହେଲେ ଶେଡ୍ ନିର୍ମାଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଅନୁମତି ନାହିଁ। ଆମସାର୍ ଆକ୍ଟ–୧୯୫୮ ଅନୁଯାୟୀ ବିନା ଅନୁମତିରେ ଏଭଳି ନିର୍ମାଣ ନିଷିଦ୍ଧାଞ୍ଚଳରେ ହୋଇପାରିବ ନାହିଁ। ସେହିଭଳି ଅସ୍ଥାୟୀ ଜୋତା ଓ ମୋବାଇଲ ଷ୍ଟାଣ୍ଡ ସମେତ ଇନଫରମେଶନ୍ କିଓସ୍କୋକୁ ମଧ୍ୟ ଅନୁମତି ଦିଆଯାଇନାହିଁ ବୋଲି ଏଏସ୍‌ଆଇ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଗତ ବର୍ଷ ମେ ୨୧ରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବାକୁ ୫ ଜଣିଆ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଟିମ୍ ପୁରୀ ଆସି ବେଆଇନ ଶେଡ୍ ନିର୍ମାଣ ସମ୍ପର୍କରେ କହିଥିଲେ। ମୁଖ୍ୟତଃ ଶେଡ୍ ନିର୍ମାଣ ହେତୁ ମେଘନାଦ ପ୍ରାଚୀର ଦୃଶ୍ୟମାନ ହେଉ ନାହିଁ। ଫଳରେ ଭକ୍ତମାନେ ମେଘନାଦ ପ୍ରାଚୀରକୁ ସ୍ପଷ୍ଟ ଭାବେ ଦେଖିପାରୁନାହାନ୍ତି। ସେହିଭଳି ନିଷିଦ୍ଧାଞ୍ଚଳରେ ସ୍ଥାୟୀ ହେଉ କିମ୍ବା ଅସ୍ଥାୟୀ, ନିର୍ମାଣ ପୂର୍ବରୁ ଭାରତୀୟ ସର୍ବେକ୍ଷଣ ସଂସ୍ଥାର ଅନୁମତି ଆବଶ୍ୟକ। ରଥ ନିର୍ମାଣ କାର୍ଯ୍ୟ ଚାଲୁଥିବା ହେତୁ ସିଂହଦ୍ୱାରରୁ ଶେଡ୍ ଖୋଲାଯିବ ଏବଂ ପଶ୍ଚିମ ଓ ଦକ୍ଷିଣଦ୍ୱାରରେ ଶେଡ୍ ନିର୍ମାଣ କରାଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ କହିଥିଲେ। ଏହି କ୍ରମରେ ପଶ୍ଚିମଦ୍ୱାରଠାରୁ ଆରମ୍ଭ କରି ଦକ୍ଷିଣଦ୍ୱାର ପର୍ଯ୍ୟନ୍ତ ଶେଡ୍ ନିର୍ମାଣ ହୋଇଛି। ଶେଡ୍ ନିର୍ମାଣ ପାଇଁ ଅନୁମତି ନ ଥିବା ସତ୍ତ୍ୱେ ମଧ୍ୟ ପ୍ରଶାସନ ଜବରଦସ୍ତ ଶେଡ୍ ନିର୍ମାଣ କରୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେହିଭଳି ଶ୍ରୀମନ୍ଦିର ଚାରିଦୁଆର ଦର୍ଶନକୁ ଅନୁମତି ମିଳିଲେ, ଶେଡ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଚାରି ଦ୍ୱାରରେ ଦର୍ଶନ ହେଲେ ଭିଡ଼ କମିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଶେଡ୍ ନିର୍ମାଣ ପ୍ରଶାସନର ଏକ ବେଆଇନ କାର୍ଯ୍ୟକଳାପ। ଏହାକୁ ଏଏସ୍‌ଆଇ ଅନୁମୋଦିତ କରି ନାହିଁ। ପ୍ରଶାସନ ଚାରିଦ୍ୱାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରିବର୍ତ୍ତେ ବେଆଇନ କାର୍ଯ୍ୟ କରୁଛି। ଗତ ଦୁଇ ବର୍ଷରେ ଓବିସିସି ଜରିଆରେ ୨୩ ଲକ୍ଷ ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଛି।

# ଚନ୍ଦନଯାତ୍ରାରେ ଜମେଶ୍ୱରଙ୍କ ଭୂମିକା ଗୁରୁତ୍ୱ

ପୁରୀ ଅଫିସ,୧୯।୫

ଅକ୍ଷୟ ତୃତୀୟାଠାରୁ ଚାଲିଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ଶ୍ରୀମନ୍ଦିରରେ ଯାତ ଭୋଗ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ବିଜେ ହୋଇ ନୌକାବିହାର ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିଥାନ୍ତି। ସେଠାରେ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ସହ ଚାପରେ ବସି ଜଳକ୍ରୀଡା କରିଥାନ୍ତି। ଏହି ପଞ୍ଚପାଣ୍ଡବଙ୍କ ମଧ୍ୟରେ ପ୍ରଭୁ ଶ୍ରୀ ଜମେଶ୍ୱର ଅଗ୍ରଜ ଅଟନ୍ତି। ଜମେଶ୍ୱରଙ୍କୁ ଯୁଧିଷ୍ଠିର ବୋଲି ବିବେଚନା କରାଯାଇଥାଏ। ସେହିପରି ଜମେଶ୍ୱର ଅଧା ବିଷ୍ଣୁ ଓ ଅଧା ଶିବ ଅର୍ଥାତ ହରିହର ରୂପରେ ପରିକଳ୍ପନା କରାଯାଇଥାଏ। ପୁରୀର ସାତସାହି ମଧ୍ୟରେ ଅନ୍ୟତମ ଗୌଡବାଡ ସାହିର ଶେଷମୁଣ୍ଡରେ ଏବଂ ଶ୍ରୀମନ୍ଦିରର ନୈଋତ ଦିଗରେ ଶ୍ରୀଜମେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ। ବାହାର ଚନ୍ଦନ ଯାତ୍ରା ସମୟରେ ମହାପ୍ରଭୁଙ୍କ ମଣିବିମାନର ପଛେ ପଛେ ଶ୍ରୀଜମେଶ୍ୱର ବିମାନ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥାଏ। ଶ୍ରୀରାମକୃଷ୍ଣଙ୍କ ସହିତ ଜମେଶ୍ୱର ଏବଂ ଅନ୍ୟ ଚାରି ମହାଦେବ ନନ୍ଦା ବା ନାଳି ରଙ୍ଗର ଚାପରେ ବସି ନୌକା ବିହାର କରିଥାନ୍ତି। ମହାପ୍ରଭୁଙ୍କ ହିସାବ ରକ୍ଷକ ଭାବେ ଶ୍ରୀଜମେଶ୍ୱରଙ୍କୁ ବିବେଚନା କରାଯାଏ। ଶୀତଳଷଷ୍ଠୀ ବା ଶିବ ବିବାହ ଉତ୍ସବରେ ଜମେଶ୍ୱର ନବବିବାହିତଙ୍କୁ ନେଇ ଶ୍ରୀମନ୍ଦିରକୁ ଆସିଥାନ୍ତି। ସେହିପରି ରୁକ୍ମିଣୀ ବିବାହ ପରେ ଚମ୍ପକ ଦ୍ୱାଦଶୀ ଅବସରରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ନୀତି ସମ୍ପାଦନା ନିମନ୍ତେ ଜମେଶ୍ୱର ମନ୍ଦିରକୁ ବିଜେ କରିଥାନ୍ତି। ରାଧା ଅଷ୍ଟମୀ ଦିନ ଚକ୍ରରାଜ ସୁଦର୍ଶନ ଶ୍ରୀମନ୍ଦିରରୁ ଜମେଶ୍ୱର ମନ୍ଦିରକୁ ବିଜେ କରିଥାନ୍ତି।

## ୧୫ ଲକ୍ଷ କ୍ଷତିପୂରଣ ଦାବି

### ମୁକୁଳା ଡ୍ରେନ୍‌ରେ ପଡ଼ି ମୃତ୍ୟୁ ଘଟଣା

ପୁରୀ ଅଫିସ,୧୯।୫:

ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିବା ରିକ୍ସାଚାଳକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ। ସେ ଅପିଲ କରିଛନ୍ତି ଯେ, ମୃତକ ପ୍ରଶାସନର ଅବହେଳା ଯୋଗୁ ପ୍ରାଣ ହରାଇଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ଏଣୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିଧି ଭୋଇ (୪୧) ହେଉଛନ୍ତି ପୁରୀ ବୀରନରସିଂହପୁରର ବାସିନ୍ଦା। ସେ ପୁରୀରେ ରିକ୍ସା ଚଳାଇ ପରବାର ଉଥିଲେ। ପୁରୀ ମାର୍କେଟ ଛକଠାରେ ମୁକୁଳା ଡ୍ରେନ୍‌ରେ ପଡ଼ି ସେ ପ୍ରାଣ ହରାଇଥିଲେ।

# ରାଜ୍ୟସ୍ତରୀୟ ସିନିୟର ରଗ୍‌ବୀ ପ୍ରତିଯୋଗିତା



## ପୁରୀରୁ ୧୨ ମହିଳା ଖେଳାଳିଙ୍କ ଯାତ୍ରା

ପୁରୀ ଅଫିସ,୧୯।୫

ଭୁବନେଶ୍ୱରସ୍ଥିତ କିଟ୍ କଲେଜ ପରିସରରେ ୭ମ ରାଜ୍ୟସ୍ତରୀୟ ସିନିୟର ରଗ୍‌ବୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ରଗ୍‌ବୀ ଆସୋସିଏଶନ ପକ୍ଷରୁ ଜିଲାରୁ ୧୨ ମହିଳା ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ପ୍ରତିଯୋଗୀମାନେ ଗୁରୁବାର ପୁରୀରୁ ଭୁବନେଶ୍ୱର କିଟ୍ ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟସ୍ତରୀୟ ସିନିୟର ରଗ୍‌ବୀ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ହାସଲ କରିଥିବା ସମସ୍ତ ପ୍ରତିଯୋଗୀ ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ଅଭ୍ୟାସ କରୁଥିଲେ। ତେବେ ଅଭ୍ୟାସ କରୁଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ଜଣଙ୍କୁ ଚୟନ କରାଯାଇଛି। ପ୍ରତିଯୋଗୀଙ୍କ ସହିତ କୋଚ୍ ସୁଧାସିନ୍ଧୁ ସାହୁ ଦଳ ସହ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଝାଡ଼େଶ୍ୱରୀ କ୍ଲବ୍ ସମ୍ପାଦକ ପାର୍ଥସାରଥି ମହାପାତ୍ର ଓ ପୁରୀ ଜିଲା ରଗ୍‌ବୀ ଫୁଟ୍‌ବଲ ସମ୍ପାଦକ ଜିତେନ୍ଦ୍ର ଦାସ ଉପସ୍ଥିତ ରହି ଖେଳାଳିଙ୍କ ସଫଳତା କାମନା କରିଥିଲେ।

# ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଗିରଫ ଦାବି

ପୁରୀ ଅଫିସ,୧୯।୫:

ଏମାର ମଠ ପରିସର ଖନନ ସ୍ଥଳୀରୁ ମିଳିଥିବା ସିଂହମୂର୍ତ୍ତି ଗଙ୍ଗବଂଶୀୟ କୀର୍ତ୍ତିରାଜି ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିବା ପରେ ଏହାକୁ ନେଇ ତେଜିଛି ବିବାଦ। ଏ ନେଇ ପୁରୀ ସିଂହଦ୍ୱାର ଥାନାରେ ଭଏସ୍ ଅଫ୍ କମନ୍ ମ୍ୟାନର ଅଧ୍ୟକ୍ଷ ହେକ୍ଟର ମିଶ୍ର ଭୁବନେଶ୍ୱର ସର୍କଲ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ବିନା ରେଡିଓମେଟ୍ରିକ୍ ଡେଟିଂ ଟେଷ୍ଟରେ କିଭଳି ଭାବେ ସିଂହମୂର୍ତ୍ତିକୁ ଗଙ୍ଗବଂଶୀୟ ବୋଲି କୁହାଗଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ରେଡିଓମେଟ୍ରିକ୍ ଡେଟିଂ ଟେଷ୍ଟର ସୁବିଧା ଓଡ଼ିଶାରେ ନାହିଁ। ଏଣୁ ବିନା ଟେଷ୍ଟିଂରେ ପଥର କେଉଁ ସମୟର ବୋଲି କହିବା ପିଲାଳିଆମି। ସିଂହମୂର୍ତ୍ତି ସମ୍ପର୍କରେ ୨୨ଦିନ ତଳୁ ସୂଚନା ହାଇକୋର୍ଟରେ ପ୍ରଦାନ କରାଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଆଯାଇ ନ ଥିଲା। ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇବା ପରେ ଏଏସ୍‌ଆଇର ନିଦ ଭାଙ୍ଗିଲା। ଏହା ଏଏସ୍‌ଆଇ ରାଜିନାମାର ଉଲ୍ଲଂଘନ ଅଟେ। ଅନ୍ୟପକ୍ଷରେ ସିଂହମୂର୍ତ୍ତି ସମ୍ପର୍କିତ ତଥ୍ୟ ହାଇକୋର୍ଟରେ ଏଏସ୍‌ଆଇ ସତ୍ୟପାଠ ମାଧ୍ୟମରେ ଦାଖଲ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ହେତୁ ମାମଲା ବିଚାରାଧୀନ ଥିବାବେଳେ ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ପ୍ରତିକ୍ରିୟା ରଖିବା ଅଦାଲତର ଅବମାନନା ହୋଇଛି। ସେହିଭଳି ୧୯୭୯ ଅଗଷ୍ଟ ୨୨ରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଏଏସ୍‌ଆଇ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା। ଶ୍ରୀମନ୍ଦିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏଏସ୍‌ଆଇ ଶ୍ରୀମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣ ଠିକ୍ ଭାବେ କରୁନାହିଁ। ୧୮୬୭ରେ ବ୍ରିଟିଶଙ୍କ ଦ୍ୱାରା ନିର୍ମିତ କପର ଆର୍ଥିଂ, ଯାହା ନୀଳଚକ୍ରଠାରୁ ମାଟି ପର୍ଯ୍ୟନ୍ତ ସଂଯୋଗ କରୁଥିଲା, ତାହାର ସଂରକ୍ଷଣରେ ଏଏସ୍‌ଆଇ ଫେଲ୍ ମାରିଛି। ଅରୁଣ ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ତାଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି।



ଏଏସ୍‌ଆଇ ଡିଜିଙ୍କ ବିରୋଧରେ ଏତଲା ଦିଆଯାଉଛି ।

# ଏମାର ମଠ ଖନନର ଭିଡିଓଗ୍ରାଫି ଜରୁରୀ ଥିଲା

## ଗୁପ୍ତ ଘରେ ଥିଲା ରାମାନୁଜାଚାର୍ଯ୍ୟଙ୍କ ସୁନା ମୂର୍ତ୍ତି

ପୁରୀ ଅଫିସ,୧୯।୫:

ଏମାର ମଠ ପରିସର ଖନନ ଏବେ ବିବାଦଘେରରେ ରହିଛି। ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ପାଇଁ ହୋଇଥିବା ବ୍ୟାପକ ଖନନ ବେଳେ ପ୍ରଶାସନ ଓ ଠିକାସଂସ୍ଥା ଐତିହ୍ୟ ଏବଂ କୀର୍ତ୍ତିରାଜିର ସଂରକ୍ଷଣ ଉପରେ ଧ୍ୟାନ ଦେଇନାହାନ୍ତି। ଫଳରେ ଅନେକ କୀର୍ତ୍ତିରାଜି ମାଟି ତଳେ ଦବି ରହିଥିବା ଆଶଙ୍କା ହେଉଛି। ସେହିଭଳି ଖନନ ସ୍ଥଳର ବିଭିନ୍ନ ସ୍ଥାନରେ ଗାତମାନ ଦେଖିବାକୁ ମିଳୁଛି, ଯେଉଁ ଗର୍ତ୍ତ ଗଭୀର ସହ ତଳମୁହାଁ ହୋଇଛି। ଏହା ଛୋଟଧରଣର ଶୁଡ଼ଙ୍ଗ ଭଳି ନଜର ଆସୁଛି। ମାଟିତଳେ କୌଣସି ବଡ଼ଧରଣର ପଦାର୍ଥ ରହିଥିଲେ ଏଭଳି ଗର୍ତ୍ତ ଦେଖିବାକୁ ମିଳିଥାଏ ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହିଛନ୍ତି।

ଅନ୍ୟପକ୍ଷରେ ଖନନ ସ୍ଥଳରୁ ପରିତ୍ୟକ୍ତ ଅବସ୍ଥାରେ ସିଂହମୂର୍ତ୍ତି ମିଳିବା ପରେ ଐତିହ୍ୟ ବିଶାରଦମାନେ ବିସ୍ମୟକର ତଥ୍ୟ ରଖୁଛନ୍ତି। ଗବେଷକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଏମାର ମଠ ତଳେ ତିନୋଟି ବିଶେଷ ଗୃହ ଥିଲା। ସେଗୁଡ଼ିକ ହେଲା ଗୁପ୍ତ ଉପାସନା ଗୃହ, ଗୁପ୍ତ ଭଣ୍ଡାର ଘର ଓ ମହନ୍ତଙ୍କ ବ୍ୟବହୃତ ଲାଗି ଉଦ୍ଦିଷ୍ଟ ଏକ ଗୃହ। ସ୍ୱତନ୍ତ୍ର ଦିନଗୁଡ଼ିକରେ ଗୃହଗୁଡ଼ିକ ଖୋଲାଯାଇ ଉପାସନା କରାଯାଉଥିଲା। କାଳକ୍ରମେ ସିଂହଦ୍ୱାର ରାସ୍ତା ଉଚ୍ଚା ହେବା ପରେ ସମ୍ପୃକ୍ତ ଗୁପ୍ତଗୃହଗୁଡ଼ିକ ମାଟିତଳେ ରହିଗଲା। ଏଥିସହ ଖନନ ସମୟରେ ଡକ୍ୟୁମେଣ୍ଟେଶନ ଓ ଭିଡିଓଗ୍ରାଫି କରାଯିବାର ଆବଶ୍ୟକ ଥିଲା। ଏହା ହୋଇ ନ ଥିବାରୁ ମନଇଚ୍ଛା ଖନନ କରାଯାଉଛି ବୋଲି କହିଛନ୍ତି।

ସେହିଭଳି ରାମାନୁଜାଚାର୍ଯ୍ୟଙ୍କ ଶିଷ୍ୟମାନେ ତାଙ୍କର ୩ ଫୁଟ୍ ୬ ଇଞ୍ଚର ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରି ଗୁପ୍ତ ଉପାସନା ଗୃହରେ ରଖି ପୂଜା କରିଥିବା କହିଥିଲେ। ମିଳିଥିବା ସିଂହମୂର୍ତ୍ତିଟି ସେହି ଉପାସନା ଗୃହର ଦ୍ୱାରଦେଶରେ ଥିଲା। ସମ୍ପୃକ୍ତ ସ୍ଥାନ ଧ୍ୱଂସ ହୋଇଯିବା ପରେ ଗୁପ୍ତଗୃହ ରହସ୍ୟଘେରରେ ରହିଯାଇଛି। ତେବେ ସମ୍ପୃକ୍ତ ଅଞ୍ଚଳକୁ ଖନନ କରାଯିବା ବେଳେ ସରକାର ତାହାର ଭିଡିଓଗ୍ରାଫି ଓ ଡକ୍ୟୁମେଣ୍ଟେଶନ କରିବାର ଆବଶ୍ୟକତା ଥିଲା। ମଠ ଭାଙ୍ଗିବା ସମୟରେ ଡକ୍ୟୁମେଣ୍ଟେଶନ କରିବା ପ୍ରଶାସନର କର୍ତ୍ତବ୍ୟ। ପାଖାପାଖି ୫୦ ବର୍ଷ ତଳେ ସେଠାରେ ସୁନା ମୂର୍ତ୍ତି ଥିଲା। ଏମାର ମଠ ପରିସରରୁ ୨୦୧୧ ମସିହାରେ ୫୨୨ ଖଣ୍ଡ ରୁପା ଇଟା ଉଦ୍ଧାର କରାଯାଇଥିଲା। ପୁରୀ ସହରର ସବୁଠାରୁ ବିତ୍ତଶାଳୀ ମଠକୁ ଧ୍ୱଂସ କରିବା ପୂର୍ବରୁ ଏହାର ଡକ୍ୟୁମେଣ୍ଟେଶନ ଓ ଭିଡିଓଗ୍ରାଫି କାହିଁକି କରାଯାଇନାହିଁ। ମଠର ଗୁପ୍ତଗୃହରେ କେଉଁ ବସ୍ତୁ ଓ ପଦାର୍ଥମାନ ଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ମଠ ଟ୍ରଷ୍ଟ ଅଧ୍ୟକ୍ଷ ନାରାୟଣ ରାମାନୁଜ ଦାସ ମହାରାଜ କହିଛନ୍ତି, ମଠର ଦାୟିତ୍ୱ ନେବା ଏକ ବର୍ଷ ହୋଇଛି। ଦାୟିତ୍ୱ ନେବାବେଳେ ଯେଉଁ ମୂର୍ତ୍ତି ହସ୍ତାନ୍ତର କରାଯାଇଛି, ସେହି ସମସ୍ତ ମୂର୍ତ୍ତି ସମ୍ପ୍ରତି ମଠ ପରିସରରେ ସୁରକ୍ଷିତ ରହିଛି।

## 'କଥା ସାହିତ୍ୟକୁ ଚନ୍ଦ୍ରଶେଖରଙ୍କ ଅବଦାନ ଅତୁଳନୀୟ'

**କଟକ ଅଫିସ:** ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ କଥାଶିଳ୍ପୀ ଇଂ. ଚନ୍ଦ୍ରଶେଖର ଦାସବର୍ମାଙ୍କ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି କହିଥିଲେ, ଓଡ଼ିଆ କଥା ସାହିତ୍ୟ ଓ ଅନୁବାଦ ସାହିତ୍ୟକୁ ରୁଚିଶୀଳ ଏବଂ ସମୃଦ୍ଧ କରିବାରେ ବିଶିଷ୍ଟ କଥାଶିଳ୍ପୀ ଇଂ. ଚନ୍ଦ୍ରଶେଖର ଦାସବର୍ମାଙ୍କ ଅବଦାନ ଅତୁଳନୀୟ। ଏଥିରେ କବି ଡ. ହୁସେନ ରବି ଗାନ୍ଧୀ, ଡ. ସୁନାମଣି ରାଉତ, ବଂଶୀଧର ରାଉତ, କୈଳାସ ଚନ୍ଦ୍ର ଦଳାଇ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ବସନ୍ତ କୁମାରୀ ନନ୍ଦ ଯୋଗଦେଇଥିଲେ। ବିଭୁ ପ୍ରସାଦ ରାଉତ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସିଏମ୍‌ସି ଷ୍ଟାଣ୍ଡିଂ କମିଟି ବୈଠକ

**କଟକ ଅଫିସ, ୧୯।୫:** କଟକ ମହାନଗର ନିଗମ(ସିଏମ୍‌ସି)ର ଷ୍ଟାଣ୍ଡିଂ କମିଟି ବୈଠକ ସ୍ଥାନୀୟ ବିଜୁଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭତ୍ତା, ସ୍ୱୟଂ ସହାୟକ ଗୋଷ୍ଠିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥି, କମିଟି ଅଧକ୍ଷ ପ୍ରଳୟା ବେହୁରା, ବିକାଶ ସାହୁ, ପ୍ରଦୀପ୍ତ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ ।

### ଯୁବକଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**କଟକ ସଦର,୧୯।୫(ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ କୂଳ କଳପଡ଼ା ଗ୍ରାମର ମନୋଜ କୁମାର ଦାସ ନାମକ ଯୁବକଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ଦରଖା ପାଟଣା ଅଞ୍ଚଳର ବିଶ୍ୱ ରଞ୍ଜନ ବେହେରା। ଏ ନେଇ ଥାନାରେ ଗତ ଜାନୁୟାରୀ ୬ ତାରିଖରେ ଏକ ମାମଲା(ନଂ.୪/୨୨) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ମନୋଜ ନିଜ ଘର କୂଳକଳପଡାରୁ କଳପଡା ଅଭିମୁଖେ ଯାଉଥିବାବେଳେ ୩ ଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ଅଟକାଇ କୌଣସି କାରଣରୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟ ଜଣେ ବ୍ୟକ୍ତି ମନୋଜଙ୍କୁ ଲକ୍ଷ୍ୟକରି ଏକ ବୋମା ଫିଙ୍ଗି ଥିଲେ। ହେଲେ ବୋମାଟି ତାଙ୍କ ଦେହରେ ନ ବାଜି ଫୁଟି ଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଥିଲା।

### ୨ବଖରା ଜଳିଗଲା

**ଚୌଦ୍ୱାର,୧୯।୫(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୁରୁଜଙ୍ଗ ଗ୍ରାମର ସାମଲ ସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ପବିତ୍ର ମଲ୍ଲିକ ଓ ସୁକାନ୍ତ ମଲ୍ଲିକଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚିବାବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିସାରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଅପରପକ୍ଷେ ପବିତ୍ର ଓ ସୁକାନ୍ତ ନିଜ ପଡୋଶୀଙ୍କ ସହିତ ଜମିଜମାକୁ ନେଇ କଳିଝଗଡା ଲାଗିଥିଲା। ଗତ ୩ଦିନ ହେବ ସେମାନେ ଗ୍ରାମ ବାହାରେ ରହୁଥିଲେ। ଏହି ଅଗ୍ନିକାଣ୍ଡ ଘଟଣାରେ ପଡୋଶୀ ଜଣେ ବ୍ୟକ୍ତିଙ୍କ ହାତ ରହିଥିବା ଉଭୟ ପରିବାର ଅଭିଯୋଗ କରିଛନ୍ତି। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

### ଲକ୍ଷେଶ୍ୱରଙ୍କ ଚନ୍ଦନ ଯାତ୍ରା



**ଫୁଲନଖରା,୧୯।୫(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ଗ୍ରାମ ନିକଟ କୁଆଖାଇ ନଦୀର ଚନ୍ଦନ ଘାଟରେ ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଅପରାହ୍ନରେ ମହାଦେବଙ୍କ ଚଳନ୍ତି ପ୍ରତିମା ଲକ୍ଷେଶ୍ୱର ମନ୍ଦିରରୁ ବିମାନରେ ବାହାରି ଚନ୍ଦନଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ଠାକୁରଙ୍କ ଚାପଖେଳ ହୋଇଥିଲା। ପରେ ଚନ୍ଦନ ଘାଟରେ ଥିବା ମଣ୍ଡପରେ ଠାକୁରଙ୍କୁ ଭୋଗଲାଗି କରାଯାଇଥିଲା।

### ବନ୍ଧୁକ ଜବତ, ବ୍ୟବସାୟୀ ଗିରଫ

**ଚୌଦ୍ୱାର,୧୯।୫(ଡି.ଏନ୍.ଏ.):** ଚୋରା ବନ୍ଧୁକ କାରବାର ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଖାନ୍‌ନଗର ଗୁରୁସାହିର ଲୋକେନ୍ ଗୁରୁ (୨୩)। ତାଙ୍କଠାରୁ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ ଓ ୨ଟି ଗୁଳି ଜବତ କରାଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ଚୌଦ୍ୱାର ଥାନା ଏସ୍‌ଆଇ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପୋଲିସ୍ ଟିମ୍ ସହିତ ବିରୂପା ନଦୀକୂଳ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ଜଣେ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବୁଲାବୁଲି କରୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଅଟକାଇ ତଲାସି କରିବାରୁ ଏକ ବନ୍ଧୁକ ଓ ଗୁଳି ଥିବା ଦେଖିବାକୁ ମିଳିଥିଲା। ପଚରା ଉଚରାବେଳେ ସେ ଉକ୍ତ ବନ୍ଧୁକ ବିକ୍ରି କରିବା ପାଇଁ ଆଣିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୩୪/୨୨) ରୁଜୁ ହୋଇଛି।

# ବଦଳିବ କଟକଚଣ୍ଡୀ ମନ୍ଦିର ରୂପରେଖ



କଟକଚଣ୍ଡୀ ମନ୍ଦିର।

**କଟକ ଅଫିସ,୧୯।୫**

କଟକଚଣ୍ଡୀ ମନ୍ଦିର ରାଜ୍ୟର ଏକ ପ୍ରାଚୀନ ଶକ୍ତିପୀଠ। ବିଭିନ୍ନ ସ୍ଥାନରୁ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଆସିଥାନ୍ତି। ବିଶେଷକରି ଦୁର୍ଗାପୂଜା ସମୟରେ ମା'ଙ୍କ ବିଭିନ୍ନ ବେଶ ହୋଇଥାଏ। ଏହି ମନ୍ଦିରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଗୁରୁବାର ଉକ୍ତ ମନ୍ଦିରର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଅନୁଯାୟୀ ମନ୍ଦିର ଚତୁଃପାର୍ଶ୍ୱରେ ପଥର ପାଚେରି ନିର୍ମାଣ ସହ ୪ଟି ଦ୍ୱାର ନିର୍ମାଣ ହେବ। ସେହିପରି ନୂଆ ଜଗମୋହନ, ଯଜ୍ଞ ମଣ୍ଡପ, ଚଣ୍ଡୀପାଠ ମଣ୍ଡପ, ମୁଣ୍ଡନ ମଣ୍ଡପ, ହନୁମାନ ମନ୍ଦିର, ନୂଆ ରୋଷଘର ନିର୍ମାଣ ହେବ। ଏଥିସହ ଯାତ୍ରୀନିବାସ, ବିସ୍ଥାପିତ ଦୋକାନୀଙ୍କ ପାଇଁ ୧୮ଟି ଦୋକାନ, ମନ୍ଦିର ପରିସର ଆଲୋକୀକରଣ, ସିସିଟିଭି ବ୍ୟବସ୍ଥା ଓ ଚଣ୍ଡୀ ମନ୍ଦିର ସମ୍ମୁଖ ରାସ୍ତା ଡାଇଭର୍ଟ କରାଯିବା ଭଳି ଅନେକ ନିଷ୍ପତ୍ତି ହୋଇଛି। ଏହି ସମସ୍ତ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଫଳରେ ମନ୍ଦିର ସୌନ୍ଦର୍ଯ୍ୟକରଣ ସହ ନୂଆରୂପ ପାଇବ। ଏହାକୁ ନେଇ କଟକବାସୀ ଖୁସିବ୍ୟକ୍ତ କରିଛନ୍ତି।



"କଟକଚଣ୍ଡୀ ମନ୍ଦିର ନୂଆ ରୂପ ପାଇବାକୁ ପ୍ରତ୍ୟେକ କଟକିଆ ବହୁଦିନ ଧରି ଅପେକ୍ଷା କରିଥିଲେ। କାରଣ ଏବେବି ଅନେକ ଲୋକ ଚଣ୍ଡୀ ଛକରେ ଛିଡା ହୋଇ ମନ୍ଦିର କେଉଁଠି ବୋଲି ପଚାରୁଛନ୍ତି। ହେଲେ ଏବେ ସରକାର ଉକ୍ତ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ନେଇଥିବା ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। ମନ୍ଦିର ଉନ୍ନତୀକରଣ ଦ୍ୱାରା ଏହା ନୂଆ ପରିଚୟ ପାଇବ।

**ମନୋଜ ପଣ୍ଡା , ମୁଖ୍ୟ ପୂଜକ**



"କଟକଚଣ୍ଡୀ ମନ୍ଦିର ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେଇଥିବାରୁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। କଟକଚଣ୍ଡୀ ହେଉଛନ୍ତି କଟକର ଆରାଧ୍ୟା ଦେବୀ। ମନ୍ଦିର ସୌନ୍ଦର୍ଯ୍ୟକରଣ ହେଲେ ଏହାର ଗରିମା ଆହୁରି ବଢ଼ିଯିବ। ସେହିଭଳି କଟକ ସହର ମଧ୍ୟରେ ଥିବା ପୁରାତନ ମନ୍ଦିରଗୁଡିକର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

**ଭିକାରି ଦାସ, ସାଧାରଣ ସମ୍ପାଦକ, କଟକ ମହାନଗର ଶାନ୍ତି କମିଟି**



"କଟକଚଣ୍ଡୀଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରରୁ ଭକ୍ତମାନେ ଆସିଥାନ୍ତି। ଏଠାରେ ସେମାନଙ୍କ ପାଇଁ ସେଭଳି ବ୍ୟବସ୍ଥା ନାହିଁ। ହେଲେ ସରକାରଙ୍କ ଏଭଳି ଯୋଜନା ଭକ୍ତମାନଙ୍କ ସୁବିଧା ପାଇଁ ବେଶ୍ ସହାୟକ ହେବ। ମନ୍ଦିରର ରୂପରେଖ ବଦଳିଲେ କଟକର ମଧ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ।

**ଦୀପକ ସାହୁ, ସ୍ଥାନୀୟ ବାସିନ୍ଦା**

# ଦୋଛକିରେ ତହସିଲ, ପୋଲିସ ପ୍ରଶାସନ

**କଣ୍ଟାପଡା,୧୯।୫(ଡି.ଏନ୍.ଏ.)**

**ଜବତ ବାଲି ବୋଝେଇ ହାଇୱାକୁ ଛଡ଼ାଇନେଲେ ଦୁର୍ବୃତ୍ତ**

କଣ୍ଟାପଡା ତହସିଲ ଅଞ୍ଚଳର ବାଲିଘାଟରୁ ବେଆଇନ ଭାବେ ହାଇୱାରେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ସନ୍ଦେହରେ କଣ୍ଟାପଡା ତହସିଲ ପକ୍ଷରୁ ଗଠନ ହୋଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବୁଧବାର ଏକ ବାଲିବୋଝେଇ ହାଇୱାକୁ ଜବତ କରି ଗୋବିନ୍ଦପୁର ପୋଲିସ ଜିମା ଦେଇଥିଲା। ହେଲେ ସେହି ରାତିରେ କେତେଜଣ ଦୁର୍ବୃତ୍ତ ପୋଲିସଠାରୁ ଉକ୍ତ ହାଇୱାକୁ ଛଡାଇ ନେଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଉଭୟ ପ୍ରଶାସନ ଏବେ ଦୋଛକିରେ ଛିଡା ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ୪ ଜଣ ସଦସ୍ୟ ବୁଧବାର ଝାରପଡା ନିକଟରୁ ଏକ ବାଲିବୋଝେଇ ହାଇୱା ଜବତ କରିଥିଲେ। ଏହି ସମୟରେ ଚାଳକ ବାଲିଚାଲାଣ ସମ୍ପର୍କିତ କାଗଜ ଦେଖାଇ ନ ପାରିବାରୁ ଉକ୍ତ ହାଇୱାକୁ ପୋଲିସକୁ ଡାକି ମୌଖିକଭାବେ ହସ୍ତାନ୍ତର କରିଥିଲେ। ତେବେ ରାତିରେ ଦୁର୍ବୃତ୍ତମାନେ ଉକ୍ତ ହାଇୱାକୁ ପୋଲିସ କର୍ମଚାରୀଙ୍କଠାରୁ ଛଡାଇ ନେଇଥିଲେ। ଏହି ଖବର ପାଇବା ପରେ ଗୁରୁବାର ଅପରାହ୍ନରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ସଦସ୍ୟମାନେ ଥାନାକୁ ଯାଇ ଜବତ ଗାଡି କୁଆଡେ ଗଲା ବୋଲି ପୋଲିସକୁ ପ୍ରଶ୍ନ କରିଥିଲେ। ନିୟମ ଅନୁଯାୟୀ ବାଲିଚାଲାଣ ସମ୍ପର୍କରେ କାଗଜ ଦେଖାଇ ନ ପାରିଲେ ତହସିଲ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଜରିମାନା ଆଦାୟ କରାଯିବା କଥା। ମାତ୍ର ଉକ୍ତ ଗାଡିରୁ ଜରିମାନା ଆଦାୟ କରି ନ ପାରିଲେ ଜଣେ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଗାଡିର ଜିମାନାମା କରାଯାଇ ତାହାକୁ ପୋଲିସକୁ ହସ୍ତାନ୍ତର କରାଯିବା ନିୟମ ରହିଛି। ତେବେ ତହସିଲ ପ୍ରଶାସନ ଗାଡି ଜବତ ପରେ ଏହି ନିୟମ ଅନୁଯାୟୀ ପୋଲିସକୁ ଉକ୍ତ ହାଇୱାକୁ ହସ୍ତାନ୍ତର କରିଥିଲା କି ନାହିଁ ତାହା ତଦନ୍ତ ସାପେକ୍ଷ। ଅପରପକ୍ଷେ ବିନା ଜିମାନାମାରେ ପୋଲିସ କିଭଳି ଉକ୍ତ ଗାଡିକୁ ଜଗି ରହିଥିଲା ତାହା ମଧ୍ୟ ରହସ୍ୟ ଘେରରେ ରହିଛି। ଏହି ଘଟଣା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏ ସମ୍ପର୍କରେ ଗୋବିନ୍ଦପୁର ଥାନାଧିକାରୀ ଅନାମ ଚରଣ ନାୟକ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉକ୍ତ ହାଇୱା ଜବତ କରି ପୋଲିସକୁ ଖବର ଦେଇଥିଲା। ଘଟଣାସ୍ଥଳରେ ଜଣେ ପୋଲିସ କର୍ମଚାରୀ ପହଞ୍ଚି ହାଇୱାକୁ ଜଗି ରହିଥିଲେ। ମାତ୍ର ତହସିଲଦାର ଜିମାନାମା ନ କରି ଗାଡିକୁ ପୋଲିସ ହେପାଜତରେ ରଖିବାକୁ ମୌଖିକ ଭାବେ କହିଥିଲେ। ତଦନୁଯାୟୀ ପୋଲିସ କର୍ମଚାରୀ ଜଣକ ଗାଡିକୁ ଜଗି ରହିଥିବାବେଳେ ବିଳମ୍ବିତ ରାତିରେ ୫ଜଣରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଗାଡିକୁ ନେଇ ପଳାଇ ଯାଇଥିଲେ। ଅପରପକ୍ଷେ ତହସିଲଦାର ମିତାଞ୍ଜଳି ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# 'ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖେ ମହୋତ୍ସବ'

**ନିଶ୍ଚିନ୍ତକୋଇଲି,୧୯।୫(ସ୍ୱ.ପ୍ର)**



ମାହାଙ୍ଗା ମହୋତ୍ସବକୁ ଆଇନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ପରିସରରେ ଗୁରୁବାର ମାହାଙ୍ଗା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବକୁ ଆଇନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ମାହାଙ୍ଗା ମହୋତ୍ସବ ଏକ ମାଧ୍ୟମ । ସେଠାରେ ଓରମାସ୍ ଦ୍ୱାରା କରାଯାଇଥିବା ଷ୍ଟଲଗୁଡିକୁ ମନ୍ତ୍ରୀ ଜେନା ବୁଲି ଦେଖିଥିଲେ। ପରେ ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ପୀଠକୁ ଯାଇ ୧ ହଜାର ୮ ଦୀପଦାନ କରିଥିଲେ। ଏଥିସହ ବଜାରର ଉଜ୍ଜ୍ୱଳ ଆଲୋକୀକରଣ ଓ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଗ୍ନିପୁର ସରପଞ୍ଚ ତିଳୋତ୍ତମା ରାଉତ, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟରଞ୍ଜନ ମହାନ୍ତି, ଜିଲା ପରିଷଦସଭ୍ୟ ବିପ୍ଳବ କେଶରୀ କାପ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ମାହାଙ୍ଗା ମାଟି ସାରା ଓଡ଼ିଶାକୁ ଦିଗ୍‌ଦର୍ଶନ ଦେଇ ଆସିଛି ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୱେଷଣ ନୃତ୍ୟ ବିଦ୍ୟାଳୟ କଟିକଟା ଦ୍ୱାରା ଓଡ଼ିଶୀ ଭଜନ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

# କୁସଂସ୍କାର ଦୂର ପାଇଁ ସ୍ୱର ଉତ୍ତୋଳନ କରନ୍ତୁ ମହିଳା

**କଟକ ଅଫିସ, ୧୯।୫**

କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା କର୍ମ ପ୍ରବଣତା ଓ ମାନବ ସମ୍ବଳ ବିନିଯୋଗରେ ଏକ ବିରାଟ ବାଧକ। ଏପରି କି ଉକ୍ତ ସ୍ଥାନ ସମଗ୍ର ପରିବେଶକୁ କଳୁଷିତ କରିବା ସହ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟିକରେ। ସାମାଜିକ ଜୀବନ ଶୈଳୀରେ ଯୌନ ନିର୍ଯାତନାକୁ ଘୃଣା ଦୃଷ୍ଟିରେ ଦେଖାଯାଏ। ତାଡନାର ଶିକାର ହୋଇ ପୀଡ଼ିତା ମାନସିକ ସ୍ତରରେ ଆଘାତ ପାଇଥାଏ। ଏଥିସହ ପୀଡ଼ିତାଙ୍କର କର୍ମକ୍ଷେତ୍ର ପ୍ରତି ଅନାସକ୍ତ ମନୋଭାବ ସୃଷ୍ଟି ହୋଇଥାଏ। ଏଭଳି ଏକ ସ୍ପର୍ଶକାତର ଓ ସାମାଜିକ କୁସଂସ୍କାରକୁ ପ୍ରତିହତ କରିବା ପାଇଁ ମହିଳାମାନେ ସ୍ୱର ଉତ୍ତୋଳନ କରନ୍ତୁ। ଏଥିସହ ଆଇନର ଆଶ୍ରୟ ନେଇ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ନିମନ୍ତେ ଆଗେଇ ଆସନ୍ତୁ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଶୀର୍ଷକ ଜିଲାସ୍ତରୀୟ କର୍ମଶାଳାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସାମାଜିକ ଉନ୍ନୟନ ସଂସ୍ଥାନର ନିର୍ଦ୍ଦେଶକ ସୁରଭି ଦାସ, ଆଇନଜୀବୀ କ୍ଷୀରୋଦ ରାଉତ, ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା, ଆଞ୍ଚଳିକ ଅଭିଯୋଗ କମିଟି ଅଧ୍ୟକ୍ଷା ମୃଣାଳିନୀ ପାଢୀ, ଡେପୁଟି କଲେକ୍ଟର ଅନିତା ପାତ୍ର ଓ ରାଜଲକ୍ଷ୍ମୀ ଓଝା ପ୍ରମୁଖ ଯୋଗଦେଇଥିଲେ।

# ନୀଳମାଧବଙ୍କୁ ଦର୍ଶନ କଲେ ସେବାୟତ ଦଳ

**ବାଙ୍କୀ,୧୯।୫(ସ୍ୱ.ପ୍ର)**

ବାଙ୍କୀର ଶକ୍ତିପୀଠ ମା'ଚର୍ଚ୍ଚିକାଙ୍କ ସେବାୟତମାନଙ୍କ ଏକ ପ୍ରତିନିଧି ଦଳ ଗୁରୁବାର ଓଡଗାଁ ରଘୁନାଥ ମନ୍ଦିର ଓ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ କରିଛନ୍ତି। ସେମାନେ ମନ୍ଦିରଗୁଡ଼ିକର କଳା, ସଂସ୍କୃତି ଓ କାରୁକାର୍ଯ୍ୟ, ପରିଚାଳନା ବ୍ୟବସ୍ଥା ଦେଖିବା ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ମା'ଚର୍ଚ୍ଚିକା ମନ୍ଦିରକୁ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଉନ୍ନତିକରଣ କରିବାପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ନିକଟରେ ଦାବି କରାଯିବ ବୋଲି ଏହି ଅବସରରେ ସେବାୟତମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସେବାୟତ ବିଦ୍ୟାଧର ରଣା, ପ୍ରକାଶ ମହାପାତ୍ର, ବିଭୁପ୍ରସାଦ ମହାପାତ୍ର, ଅନନ୍ତ ରଣା, ଅଶୋକ ରଣା, ବିଜୟ ରଣା, ଚନ୍ଦ୍ରଶେଖର ମହାପାତ୍ର, ସର୍ବେଶ୍ୱର ରଣା, ସମୀର ରଣା, ଅଶ୍ୱିନୀ ମହାପାତ୍ର, ଚନ୍ଦନ ରଣା ପ୍ରମୁଖ ସାମିଲ ହୋଇଥିଲେ।

# ମନମୋହିଲା ଘୁମୁରା, ଯୋଡ଼ିଶଙ୍ଖ ନୃତ୍ୟ

**ବଡ଼ମ୍ବା,୧୯।୫(ଡ଼ି. ଏନ୍.ଏ.)**

**ବଡ଼ମ୍ବା ଏକାଦଶ ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ**

ବଡମ୍ବାର ପ୍ରସିଦ୍ଧ ଚନ୍ଦନଯାତ୍ରା ଗୁରୁବାର ୧୭ ଦିନରେ ପହଞ୍ଚିଥିବାବେଳେ ଗୁରୁବାରଠାରୁ ୫ ଦିନିଆ ମହୋତ୍ସବ ଶୁଭାରମ୍ଭ ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ, ସ୍ଥାନୀୟ ଦେବୋତ୍ତର ବିଭାଗ ଓ ବଡ଼ମ୍ବା ଚନ୍ଦନ ମହୋତ୍ସବ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଲା। ବିଶେଷ କରି କଳାହାଣ୍ଡିର ଘୁମୁରା ନୃତ୍ୟ, ଗଞ୍ଜାମର ଯୋଡ଼ିଶଙ୍ଖ ଓ ଭଜନ ହୃଦୟସ୍ପର୍ଶୀ ହୋଇଥିଲା। ମହୋତ୍ସବ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ବଡ଼ମ୍ବାରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟାପୀ ଚାଲୁଥିବା ଚନ୍ଦନଯାତ୍ରା ଏକ ଅଳିଭାଗାର ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ବଡ଼ମ୍ବା ରାଜା ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର, ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ ବଡ଼ମ୍ବା ଗଡ଼ସମିତି ସଭ୍ୟା ଗୋଲାପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ ପରିଚାଚାଳନାରେ କମିଟି କର୍ମକର୍ତ୍ତା ରମେଶ ବେହେରା ଓ ଶକ୍ତିଶ୍ୱର ରଣା ପ୍ରମୁଖ ସହଯୋଗ କରିଥିଲେ।

# କାଞ୍ଜିଆହୁଦା ସମ୍ମୁଖରେ ହିନ୍ଦୁସେନାର ଧାରଣା

**କଟକ ଅଫିସ, ୧୯।୫**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଥିବା କାଞ୍ଜିଆହୁଦାଗୁଡ଼ିକରୁ ଗୋଚାଲାଣ ଏବଂ ଅବ୍ୟବସ୍ଥା ଅଭିଯୋଗ କରି ହିନ୍ଦୁସେନା ପକ୍ଷରୁ ସତୀଚଉରାସ୍ଥିତ କାଞ୍ଜିଆହୁଦା ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। ହିନ୍ଦୁସେନାର ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ କାଞ୍ଜିଆହୁଦାରୁ ଗୋଚାଲାଣ କରାଯାଉଛି। ଏନେଇ ସ୍ଥାନୀୟ ଥାନା ଓ ସିଏମ୍‌ସି ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି କାଞ୍ଜିଆହୁଦାରେ ପର୍ଯ୍ୟାପ୍ତ ପରିମାଣର ଗୋଖାଦ୍ୟ ମହଜୁଦ ରହୁନାହିଁ। ଫଳରେ କଟକ ସହରରୁ ଧରା ହୋଇ ଆସୁଥିବା ଗାଈ, ଷଣ୍ଢମାନେ ଭୋକ ଉପାସରେ ପଡ଼ିରହି ଅନେକ ସମୟରେ ମୃତ୍ୟୁବରଣ କରୁଛନ୍ତି। ଏପରିକି ଗୋଟିଏ ଗାଈକୁ ୩ରୁ ୪ହଜାର ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ କରି ସଂଗଠନ ପକ୍ଷରୁ ଧାରଣା ଦିଆଯିବା ସହ କାଞ୍ଜିଆହୁଦାରେ ତାଲା ପକାଯାଇଥିଲା। ସଙ୍ଗଠନର ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଆଶିଷ ମହାପାତ୍ର, ଜ୍ୟୋତି ସାହୁ, ଅଭିରାମ ପଣ୍ଡା, ସୁଜିତ୍ ବେହେରା, ଟିଂକି ବେହେରା, ନାରାୟଣ କର, ସୁରେଶ ବେହେରା, ଚନ୍ଦନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କ୍ରିକେଟ୍: ଚନ୍ଦନ ସୁପର କିଙ୍ଗ୍‌ସ ବିଜୟୀ

**ତିଗିରିଆ, ୧୯।୫ (ଡି.ଏନ.ଏ.)**

ବଡମ୍ବା ବ୍ଲକ ଅନ୍ତର୍ଗତ ମାନପୁରସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ବାବୁଲା ସ୍ମାରକୀ ୬ଷ୍ଠ ମାନପୁର ପ୍ରିମିୟର କ୍ରିକେଟ ଲିଗ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରଘୁନାଥ ୟଙ୍ଗଷ୍ଟାର୍ସକୁ ୨୭ ରନରେ ଚନ୍ଦନ ସୁପର କିଙ୍ଗସ ପରାସ୍ତ କରିଛି। ଟସ୍ ଜିତି ଚନ୍ଦନ ସୁପର କିଙ୍ଗସ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳ ପକ୍ଷରୁ ରାଜେନ୍ଦ୍ର ପ୍ରତାପ ସ୍ୱାଇଁ ୨୯ଟି ବଲ ଖେଳି ସର୍ବାଧିକ ୩୫ ରନ କରିଥିଲେ। ରଘୁନାଥ ୟଙ୍ଗଷ୍ଟାର୍ସର ରାମଚନ୍ଦ୍ର ସେନାପତି ୩ ଓଭର ବୋଲିଂ କରି ୧୭ ରନ ବ୍ୟୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରଘୁନାଥ ୟଙ୍ଗଷ୍ଟାର୍ସ ମାତ୍ର ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିଲା। ଦଳ ପକ୍ଷରୁ ଜୟନ୍ତ ଖଟୁଆ ୧୧ ଟି ବଲ ଖେଳି ୨୪ ରନ କରିଥିଲେ। ଚନ୍ଦନ ସୁପର କିଙ୍ଗସ ଖେଳାଳି ରାକେଶ ରଞ୍ଜନ ବେହେରା ୩ ଓଭର ବୋଲିଂ କରି ୧୧ ରନ ବ୍ୟୟରେ ୩ ଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଚନ୍ଦନ ସୁପର କିଙ୍ଗସର ରାଜେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଚିତ୍ତରଞ୍ଜନ ସେନାପତି ଟୁର୍ନାମେଣ୍ଟ ପରିଚାଳନା କମିଟି ସଭ୍ୟ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟର ପ୍ରକାଶ ପଣ୍ଡା ଓ ଦିଲୀପ କୁମାର ସ୍ୱାଇଁ ପରିଚାଳନା କରିଥିଲେ।



ଅତିଥିମାନଙ୍କଠାରୁ ରାଜେନ୍ଦ୍ର ମ୍ୟାନ ଅଫ ଦି ଟ୍ରଫି ଗ୍ରହଣ କରୁଛନ୍ତି।

# ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି ପ୍ରକଳ୍ପ କାର୍ଯ୍ୟ

**କଟକ ଅଫିସ, ୧୯।୫**

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ**

- **ହାଇକୋର୍ଟ ବାର୍ ଆସୋସିଏଶନର ସମର୍ଥନ ଲୋଡ଼ିଲା ଶ୍ରୀଜଗନ୍ନାଥ ସେନା**



ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ନନ୍ଦଙ୍କୁ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ବେଆଇନ ଭାବେ ଶ୍ରୀମନ୍ଦିର ଚାରିପଟେ ଭାଇବ୍ରେଟିଂ ମେଶିନରେ ଖନନ ଓ ନିର୍ମାଣ କରାଯାଉଛି। ଫଳରେ ଶ୍ରୀମନ୍ଦିରରେ ଅନେକ ଫାଟ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ନିମନ୍ତେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମର୍ଥନ ଲୋଡିଛି ଶ୍ରୀଜଗନ୍ନାଥ ସେନା। ଏ ସମ୍ପର୍କିତ ଏକ ଦାବିପତ୍ର ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗୁରୁବାର ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଆସୋସିଏଶନ ସମ୍ପାଦକ ଆଲୋକ ନନ୍ଦଙ୍କୁ ପ୍ରଦାନ କରିଛନ୍ତି।

ଆଇନଜୀବୀ ପଟ୍ଟନାୟକ କହିଛନ୍ତି, ଆମ୍‌ସାର ଆଇନ ୧୯୫୮ର ଉଲ୍ଲଂଘନ କରାଯାଇ ଶ୍ରୀମନ୍ଦିର ଚାରିପଟେ ଏସ୍କାଭେଟର, ଡ୍ରିଲିଂ ମେଶିନ ଓ ବୁଲ୍‌ଡୋଜର ସାହାଯ୍ୟରେ ବଡ଼ ବଡ଼ ଗାତ ଖୋଳାଯାଉଛି। ଏହି ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରର ନାଟମଣ୍ଡପ, ବେହରଣ ଦ୍ୱାର, ଜୟବିଜୟ ଦ୍ୱାର, ଘଣ୍ଟିଦ୍ୱାର, ରତ୍ନଭଣ୍ଡାର କାନ୍ଥ ଓ ଜଗମୋହନରେ ଅନେକ ଫାଟ ସୃଷ୍ଟି ହୋଇଛି। ଏହି ଖନନ କାର୍ଯ୍ୟ ୧୦୦ ମିଟର ନିଷିଦ୍ଧାଞ୍ଚଳ ମଧ୍ୟରେ କରାଯାଉଛି। ଏହି କାର୍ଯ୍ୟ ପାଇଁ ଆଇନ ଅନୁଯାୟୀ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ଏଏସ୍‌ଆଇ ହାଇକୋର୍ଟଙ୍କ ନିକଟରେ ସତ୍ୟପାଠରେ ଦାଖଲ କରିଛି। ଏପରି କି ଏହି ବେଆଇନ ଖନନ ଓ ନିର୍ମାଣ କାର୍ଯ୍ୟ ଯୋଗୁ କେବଳ ଶ୍ରୀମନ୍ଦିର ନୁହେଁ ବରଂ ଏହାର ଚତୁଃପାର୍ଶ୍ୱ ମାଟିତଳେ ଥିବା ପୁରାତନ କୀର୍ତ୍ତିରାଜି ଭାଙ୍ଗି ନଷ୍ଟ ହୋଇଛି। ଆଇନ ଅନୁଯାୟୀ ଜିପିଆର୍‌ଏସ୍ ମାଧ୍ୟମରେ ଏହି ଖନନ କାର୍ଯ୍ୟ କରାଯାଇଥିଲେ କୀର୍ତ୍ତିରାଜିର ସୁରକ୍ଷା ହୋଇପାରିଥାନ୍ତା ବୋଲି ପଟ୍ଟନାୟକ କହିଛନ୍ତି। ଶ୍ରୀଜଗନ୍ନାଥ ସେନା ଶ୍ରୀମନ୍ଦିର ସୁରକ୍ଷା ଦାବିରେ ପୁରୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଓ ଆଇନଗତ ଲଢେଇ ଜାରି ରଖିଛି। ଏଣୁ ଉକ୍ତ ଲଢେଇରେ ହାଇକୋର୍ଟ ବାର୍ ଆସୋସିଏଶନ ସାମିଲ ହେବାକୁ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କୁ ଆଇନଜୀବୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।

